ବର୍ଷ-୨୬, ସଂଖ୍ୟା-୨୮୪
ଭୁବନେଶ୍ୱର
ଅକ୍ଟୋବର, ୨୪, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 284
Bhubaneswar
October, 24, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜନ୍ମଦିନରେ ପ୍ରଭାସଙ୍କ 'ଫୌଜି' ଟିଜର



# ଓଡ଼ିଶାକୁ ୫୦ ହଜାର କୋଟିର ପୁଞ୍ଜିନିବେଶ ଆଣିଲେ ମୁଖ୍ୟମନ୍ତ୍ରୀ

- ୨୦,୦୦୦ ନିଯୁକ୍ତି ସୁଯୋଗ, ୨୫ଟି ୱାନ୍ ଟୁ ୱାନ୍, ୯ଟି ଏମ୍ଓୟୁ, ୪ଟି ଆଗ୍ରହପତ୍ର
- ପୋସ୍କୋ ଇଣ୍ଡିଆ, ଜେଏସ୍ଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ସହିତ ଆମେରିକା ଓ ୟୁରୋପର କମ୍ପାନୀ ପ୍ରତିନିଧିଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ଏଲଏଲସି ଇଣ୍ଡିଆ ଲିଃ ସହିତ ରସାୟନ ଓ ଶକ୍ତି କ୍ଷେତ୍ରରେ ୩୬,୭୬୩.୫୧ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ
- ୨୦୨୭ ଅକ୍ଟୋବରରେ ହେବ ଓଡ଼ିଶା କେମ୍ ୨୦୨୭
- ଓଡ଼ିଶାରେ 'କମ୍ପ୍ଲିଟ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ୍' ବିକଶିତ କରାଯିବ



ଭୁବନେଶ୍ୱର,୨୩।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍ ୨୦୨୬ରେ ଓଡ଼ିଶା ଏକ ଅଗ୍ରଣୀ ପୁଞ୍ଜି ଆକର୍ଷଣକାରୀ ରାଜ୍ୟ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି । ମୁଖ୍ୟମନ୍ତ୍ରୀ ଟିମ୍ ଓଡ଼ିଶାର ନେତୃତ୍ୱ ନେଇ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଆୟୋଜିତ ଏହି କନ୍କ୍ଲେଭ୍ରେ ଅକ୍ଟୋବର ୨୨ ଏବଂ ୨୩ ତାରିଖରେ ଯୋଗ ଦେବା ପରେ ଆଜି ଭୁବନେଶ୍ୱର ଫେରି ଆସିଛନ୍ତି ।

ଆଜି ସନ୍ଧ୍ୟାରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁମ୍ବାଇରେ ଏହି ଦୁଇ ଦିନରେ ୯ଟି ଏମଓୟୁ ସହିତ ୪ଟି ଇନ୍ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶାକୁ ସମୁଦାୟ ୫୩,୮୯୩.୫୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି, ଯାହା ଦ୍ୱାରା ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆସନ୍ତା ବର୍ଷ ଏହି ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା ପାଇଁ ସେ କେନ୍ଦ୍ର ସରକାର ଓ ରଓଉଉଓ ସହିତ ଆଲୋଚନା କରିଥିଲେ ଏବଂ ଏଥିପାଇଁ ଉଭୟେ ଗ୍ରୀନ ସିଗ୍ନାଲ୍ ଦେଇଛନ୍ତି । ଆସନ୍ତା ବର୍ଷ ୨୦୨୭ ଅକ୍ଟୋବର ମାସରେ ଓଡ଼ିଶା କେମ- ୨୦୨୭ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ବିଭିନ୍ନ ବିଜନେସ୍ ଲିଡର ମାନଙ୍କ ସହିତ ୨୫ଟି ୱାନ୍ ଟୁ ୱାନ୍ ମିଟିଙ୍ଗ୍ ଅନୁଷ୍ଠିତ ହୋଇଛି । ପସ୍କ ଇଣ୍ଡିଆ, ଜେ.ଏସ୍.ଡବ୍ଲ୍ୟୁ, ଏଲ୍ ଆଣ୍ଡ୍ ଟି ଆଦି କମ୍ପାନୀ ମାନଙ୍କ ସହିତ ଆମେରିକା ଓ ୟୁରୋପିଆନ୍ ୟୁନିଅନ୍ର ବିଭିନ୍ନ ଦେଶର କମ୍ପାନୀମାନଙ୍କ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ ।

ଏହି ଆଲୋଚନା ଦ୍ୱାରା ସେମାନଙ୍କର ଆବଶ୍ୟକତା ବିଷୟରେ ଜାଣିବା ସହିତ ଓଡ଼ିଶାରେ ନିବେଶ କରିବା ପାଇଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଅଛି, ସେମାନେ ମଧ୍ୟ ଜାଣିପାରିଛନ୍ତି । ଏହାଦ୍ୱାରା ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ନିବେଶ ପାଇଁ ଏହି କମ୍ପାନୀମାନଙ୍କର ଖୁବ୍ ଆଗ୍ରହ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କମ୍ପାନୀମାନଙ୍କ ସହିତ ଏହି ଆଲୋଚନା ପାଇଁ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର ଖୁବ୍ ସହଯୋଗ ରହିଛି ବୋଲି ମତ ଦେଇ ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ମେଟାଲଭିତ୍ତିକ ଅର୍ଥନୀତିରୁ କେମିକାଲଭିତ୍ତିକ ଅର୍ଥନୀତିକୁ ଡାଇଭର୍ସିଫାଇ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହୋଇଛି । ଓଡ଼ିଶାରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ପେଟ୍ରୋ କେମିକାଲ ଏବଂ ପ୍ଲାଷ୍ଟିକ୍ ଆଦି ସମସ୍ତ ପ୍ରକାର ପରସ୍ପର ନିର୍ଭରଶୀଳ ଶିଳ୍ପ ସ୍ଥାପନ କରି ଓଡ଼ିଶାରେ ଏକ କମ୍ପ୍ଲିଟ୍ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ୍ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ପୂରଣରେ ଓଡ଼ିଶା ଏକ ମଜବୁତ୍ ସ୍ତମ୍ଭ ହୋଇପାରିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳ ଅଭିଯାନ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ବହୁ ସଂଖ୍ୟକ ଜନସାଧାରଣଙ୍କ ସହିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

## ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୩।୧୦(ମହାଭାରତ): ଭୁବନେଶ୍ୱର: ଆସନ୍ତା ସପ୍ତାହରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ନେଇ ଓଡ଼ିଶା ସରକାର ପ୍ରସ୍ତୁତି ଜାରି ରଖିଛନ୍ତି। ଆସନ୍ତାକାଲି ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଦେଇଛନ୍ତି। ନିୟମ ନମାନି ଛୁଟିରେ ଯାଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ସେହିପରି ପୁରୀ ଜିଲ୍ଲାରେ ୨୦୨୬ ଅକ୍ଟୋବର ୨୯ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ଘୋଷଣା କରାଯାଇଛି। ବିନା ଅନୁମତିରେ କର୍ମଚାରୀମାନେ ବାହାରକୁ ଯାଇପାରିବେ ନାହିଁ।ସମ୍ଭାବ୍ୟ ବାତ୍ୟା ନେଇ ଓଡ଼ିଶା ସରକାର ପ୍ରସ୍ତୁତ ଅଛନ୍ତି। ଆନ୍ଧ୍ରପ୍ରଦେଶର କାକିନଡା ଏବଂ ଓଡ଼ିଶାର ଗୋପାଳପୁର ମଧ୍ୟରେ ବାତ୍ୟା ସ୍ଥଳଭାଗ ଛୁଇଁପାରେ। ଓଡ଼ିଶା ଦେଇ ବାତ୍ୟା ଛତିଶଗଡ଼ ଅଭିମୁଖେ ଯିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଜୋର୍ କରିଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ଏହା କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟର ୩ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇପାରେ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ପରିବର୍ତ୍ତୀ ସ୍ଥିତି ନେଇ ପ୍ରସ୍ତୁତ ଅଛୁ। ଓଡ୍ରାଫ, ଏନ୍ଡିଆରଏଫ୍, ଅଗ୍ନିଶମ ବାହିନୀ ଏବଂ ପୁଲିସ ସତର୍କ ଅଛନ୍ତି। ସରକାର ହ୍ୱାଟ୍ସଆପ୍ ଏବଂ ଏସ୍ଏମ୍ଏସ୍ ଜରିଆରେ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ସୂଚନା ଦିଆଯିବ। ତେଣୁ ଲୋକେ ବିଚଳିତ ହେବାର କୌଣସି କାରଣ ନାହିଁ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ., ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ର ବରିଷ୍ଠ ଅଧିକାରୀମାନେ ଓ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ,ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ଆଇନ ଓ ଶୃଙ୍ଖଳା ନିର୍ଦ୍ଦେଶକ, ଆଇଏମଡି ,ଏହାସହ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ।

## ସ୍ପଷ୍ଟ ହେଲା ବାତ୍ୟା, ୨୮ରେ ସ୍ଥଳଭାଗ ଛୁଇଁବ

ଭୁବନେଶ୍ୱର,୨୩।୧୦(ମହାଭାରତ): ସମ୍ଭାବ୍ୟ ବାତ୍ୟାକୁ ନେଇ ବଡ଼ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବ ବାତ୍ୟା। ଆଉ ୨୮ ତାରିଖ ସକାଳେ ଏହା ଛୁଇଁ ପାରେ ସ୍ଥଳଭାଗ।ଏହାର ପ୍ରଭାବରେ ଓଡ଼ିଶା ଓ ପଡ଼ଶୀ ଆନ୍ଧ୍ର ସମେତ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି। ୨୬ ତାରିଖରୁ ଓଡ଼ିଶାରେ ବର୍ଷା ଆରମ୍ଭ ହେବ। ୨୭ ତାରିଖ ବେଳକୁ ଏହାର ତୀବ୍ରତା ବଢ଼ିବ। ବର୍ଷା ସାଙ୍ଗକୁ ପବନର ବେଗ ସର୍ବାଧିକ ୯୦ କିମି ରହିପାରେ। ପୂର୍ବରୁ ବିଭିନ୍ନ ଘରୋଇ ପାଣିପାଗ ସଂସ୍ଥା ବାତ୍ୟାର ଆକଳନ କରିଥିଲେ। ଏବେ ପ୍ରଥମଥର ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟାକୁ ନେଇ ପୂର୍ବାନୁମାନ କରାଯାଇଛି।

ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା କଥା ଯେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ବର୍ତ୍ତମାନ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସମୟକ୍ରମେ ଅଧିକ ଘନୀଭୂତ ହେବ। ଆସନ୍ତାକାଲି ସୁଦ୍ଧା ଏହି ଲଘୁଚାପ ଅବପାତ ଓ ୨୫ ବେଳକୁ ଗଭୀର ଅବପାତର ରୂପ ନେବ।

ସେହିପରି ଗଭୀର ଅବପାତ ଆହୁରି ଘନୀଭୂତ ହୋଇ ୨୬ ତାରିଖରେ ବାତ୍ୟାର ରୂପ ନେବ। ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବ। ଏହାପରେ ଏହି ବାତ୍ୟା ୨୮ ତାରିଖ ସକାଳେ କିମ୍ବା ଭୋର ସମୟରେ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶାରେ ଉପକୂଳ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ଯୋଗୁ ଆସନ୍ତା ୨୬ ଓ ୨୭ ତାରିଖରେ ଓଡ଼ିଶା ଉପକୂଳରେ ବର୍ଷା ହେବ। ବିଶେଷ କରି ୨୭ ତାରିଖରେ ଓଡ଼ିଶା ଉପକୂଳରେ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି। ୨୬ରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ।୨୭ ତାରିଖରେ ସର୍ବାଧିକ ୯୦ କିମି ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି। ୨୭ରୁ ସମୁଦ୍ର ଅଶାନ୍ତ



ରହିବ। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ଆଇଏମଡି ଡିଜି ପରାମର୍ଶ ଦେଇଛନ୍ତି।

ଶ୍ରୀ ମହାପାତ୍ର କହିଛନ୍ତି ଯେ ଆଜି ସକାଳେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ନିକଟସ୍ଥ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତାକାଲି ସୁଦ୍ଧା ଏହି ଲଘୁଚାପ ଅବପାତ ଓ ୨୫ ବେଳକୁ ଗଭୀର ଅବପାତର ରୂପ ନେବ। ସେହିପରି ଗଭୀର ଅବପାତ ଆହୁରି ଘନୀଭୂତ ହୋଇ ୨୬ ତାରିଖ ସକାଳ ବେଳକୁ ଏହା ଘୂର୍ଣ୍ଣି ବାତ୍ୟାର ରୂପ ନେଇପାରେ। କେନ୍ଦ୍ରୀୟ ବଙ୍ଗୋପସାଗରରେ ହିଁ ଏହା ବାତ୍ୟାରେ ପରିଣତ ହେବ।

ସମ୍ଭାବ୍ୟ ବାତ୍ୟା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରେ ଗତି କରିପାରେ। ୨୮ ତାରିଖ ଭୋରରୁ କିମ୍ବା ସକାଳୁ ଏହା ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ରରେ ପହଞ୍ଚିବ। ଉପକୂଳ ଆସିବା ବେଳେ ବାତ୍ୟା ଆହୁରି ଘନୀଭୂତ ହେବ। ପବନର ବେଗ ମଧ୍ୟ ବଢ଼ିପାରେ। ବର୍ତ୍ତମାନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ନିକଟସ୍ଥ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କିମି ରହିଛି।ପାଗ ମେଘୁଆ ରହିଛି ଓ ସମୁଦ୍ର ଅଶାନ୍ତ ହୋଇଯାଇଛି। ଆସନ୍ତାକାଲି ବେଳକୁ ପବନର ବେଗ ବୃଦ୍ଧି ପାଇଁ ଘଣ୍ଟାପ୍ରତି ୫୫ କିମି ଓ ଝଟକା ପବନର ବେଗ ଘଣ୍ଟା ପ୍ରତି ୬୫ କିମିରେ ପହଞ୍ଚିବ।୨୫ ତାରିଖ ବେଳକୁ ପବନର ଘଣ୍ଟାପ୍ରତି ବେଗ ୬୫ ଓ ଝଟକା ପବନର ବେଗ ୭୫ କିମି ଛୁଇଁବ। ୨୬ ତାରିଖ ସକାଳ ବେଳକୁ ପବନର ଘଣ୍ଟାପ୍ରତି ବେଗ ୭୦ରୁ ୮୦ କିମି ଓ ଝଟକା ପବନର ବେଗ ୯୦ କିମି ହେବ। ଏହାପରେ ମଧ୍ୟ ପବନର ବେଗ କମିବ ନାହିଁ। ବାତ୍ୟା ଉପକୂଳ ମୁହାଁ ହେବା ମାତ୍ରେ ପବନର ବେଗ ସେହି ଅନୁସାରେ ବଢ଼ିବ। କିନ୍ତୁ ବର୍ତ୍ତମାନ ବାତ୍ୟାର ପ୍ରଭାବରେ ପବନର ବେଗ ଘଣ୍ଟା ପ୍ରତି କେତେ ରହିବ, ତା'ର ପୂର୍ବାନୁମାନ କରାଯାଇ ନାହିଁ। ଲଘୁଚାପ ପ୍ରଥମେ ଅବପାତରେ ପରିଣତ ହେବା ପରେ ବାତ୍ୟା ପ୍ରଭାବରେ ପବନର ବେଗ ସର୍ବାଧିକ କେତେ ରହିବ, ସେକଥା ସ୍ପଷ୍ଟ ହେବ।

ଏବେ କେବଳ ବାତ୍ୟା ଆସୁଥିବା ସ୍ପଷ୍ଟ ହୋଇଛି। ଏବେ ଠାରୁ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନେ ଆଜି ଠାରୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ନିକଟସ୍ଥ ଦକ୍ଷିଣ ପୂର୍ବ ବଙ୍ଗୋପସାଗରକୁ ଯିବା ଉଚିତ ନୁହେଁ।

ସେହିପରି ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗରକୁ ମଧ୍ୟ ମତ୍ସ୍ୟଜୀବୀମାନେ ୨୬ରୁ ୨୯ ଯାଏ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଯେଉଁମାନେ ଏବେ ସମୁଦ୍ର ମଧ୍ୟରେ ରହିଛନ୍ତି, ସେମାନେ ତୁରନ୍ତ ଉପକୂଳକୁ ଫେରି ଆସନ୍ତୁ। ବର୍ଷା ଓଡ଼ିଶା ଉପକୂଳରେ ୨୬ ତାରିଖରୁ ଆରମ୍ଭ ହେବ। ୨୭ରେ ପ୍ରବଳରୁ ଅତି ପ୍ରବଳ, ୨୮ ଓ ୨୯ ତାରିଖରେ ଅତ୍ୟନ୍ତ ବା ଭୀଷଣ ବର୍ଷା ହୋଇପାରେ। କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷାର ଆଶଙ୍କା ରହିଛି। ୨୭ ତାରିଖରୁ ଓଡ଼ିଶାରେ ପବନର ବେଗ ମଧ୍ୟ ବଢ଼ିବ। ପ୍ରଥମେ ଘଣ୍ଟାପ୍ରତି ୪୦ରୁ ୫୦ କିମି ଓ ପରେ ଏହା ଆହୁରି ଅଧିକ ହେବ। ବାତ୍ୟା ଓଡ଼ିଶା ଉପକୂଳର ନିକଟବର୍ତ୍ତୀ ହେବା କ୍ଷଣି ପବନର ବେଗ ସେହି ଅନୁସାରେ ବୃଦ୍ଧି ପାଇବ। ବାତ୍ୟା କେଉଁ ସ୍ଥାନରେ ସ୍ଥଳ ଭାଗ ଛୁଇଁବ , ସେକଥା ଏଯାଏ ସ୍ପଷ୍ଟ ହୋଇ ନଥିବା ଶ୍ରୀ ମହାପାତ୍ର କହିଛନ୍ତି।

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

## ପୁଲିସ୍ ଅଧିକାରୀ ନିଲମ୍ବିତ

ବାଲେଶ୍ୱର,୨୩।୧୦(ମହାଭାରତ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ନାବାଳିକାଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଏସ୍ପି ପ୍ରତ୍ୟୁଷ ଦିବାକରଙ୍କ ବଡ଼ ଖୁଲାସା। ନିଖୋଜ ଦିନ ହିଁ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ ସନ୍ଦିଗ୍ଧଙ୍କ ଭୂମିକାର ତଦନ୍ତ ଚାଲିଛି।

ସେହିପରି ନିଖୋଜର ୫ ଦିନ ପରେ ନାବାଳିକାଙ୍କ ଗଳିତ ମୃତଦେହ ମିଳିବା ପରେ ଲୋକମାନେ ପୁଲିସ୍ର ଅବହେଳାକୁ ଦାୟୀ କରିଥିଲେ। ଏଥିପାଇଁ ଜଣେ ଥାନା ଅଧିକାରୀଙ୍କୁ ନିଲମ୍ବିତ କରାଯାଉଛି ଓ ଆଉ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏବେ କଂଗ୍ରେସ ଠାରୁ ଆରମ୍ଭ କରି ସ୍ଥାନୀୟ ଲୋକମାନେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଦେବାକୁ କଂଗ୍ରେସ ଦାବି କରିଛି ।ଦଶମ ଶ୍ରେଣୀରେ ପଢୁଥିଲେ ମୃତ ନାବାଳିକା। ଅକ୍ଟୋବର ୧୬ ତାରିଖ ଅପରାହ୍ଣ ପ୍ରାୟ ସାଢେ ୪ଟାରେ ଜଣେ ସାଙ୍ଗଙ୍କ ସହ ସେ ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହ ସାଙ୍ଗଙ୍କୁ ଫୋନ୍ କରିଥିଲେ। ସାଙ୍ଗ ଠାରୁ ମିଳିଥିବା ସୂଚନା ଆଧାରରେ ସୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଓରଫ୍ କାହ୍ନଙ୍କ ନାଁ ସାମ୍ନାକୁ ଆସିଥିଲା।

## ପୁଣି ଭାରତ-ଚାଇନା ସେନା ମୁହାଁମୁହିଁ

ନୂଆଦିଲ୍ଲୀ,୨୩।୧୦(ମହାଭାରତ): ସାମ୍ନା ଆସିଛି ବଡ଼ ଖବର। ଜୁଲାଇ ମାସରୁ ଅରୁଣାଚଳ ପ୍ରଦେଶର ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଜାରି ରହିଛି ଉତ୍ତେଜନା। ସୀମାର ବିଭିନ୍ନ ସ୍ଥାନରେ ଏବେ ବି ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଛି।

ଏକଥା ଖୋଦ ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ୍(ଆଇଟିବିପି)ର ମହାନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ଅରୁଣାଚଳର ଉତ୍ତର-ପୂର୍ବ ସୀମାରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ପ୍ରଥମଥର ପାଇଁ ସରକାରୀ ସ୍ତରରେ ନିଶ୍ଚିତ କରାଯାଇଛି। ସୀମାରେ ବେଶ କିଛି ମାସ ହେଲା ଉତ୍ତେଜନା ବଢୁଥିବା ରିପୋର୍ଟ ପ୍ରକାଶ ପାଉଥିଲେ ହେଁ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିବା ଖବର ପ୍ରଥମର ସାମ୍ନାକୁ ଆସିଛି।

ଜୁଲାଇ ମାସରେ ହିଁ ତାକସିଙ୍ଗ ଅଞ୍ଚଳର ଏଲଏସିରେ ଥିବା ପ୍ରମୁଖ ସ୍ଥାନଗୁଡ଼ିକରେ ଭାରତକୁ ପ୍ୟାଟ୍ରୋଲିଂ ପାଇଁ ଚାଇନିଜ ଟ୍ରୁପ୍ସ ଅନୁମତି ଦେଉ ନଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଆଉ ଜୁଲାଇ ମାସରୁ ହିଁ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ଏବେ ଆଇଟିବିପିର ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର କହିଛନ୍ତି।



ସେ କହିଛନ୍ତି, "କିଛି ଦିନ ହେଲା ଏମିତି ଏକ ସ୍ଥିତି ସୃଷ୍ଟି ହୋଇଥିଲା ଯେଉଁଥି ପାଇଁ ଅରୁଣାଚଳର ବିଭିନ୍ନ ସ୍ଥାନରେ ଗୋଟିଏ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏବେ ମଧ୍ୟ ଏଭଳି ସ୍ଥିତି ଲାଗି ରହିଛି।"ଏହାର ଅର୍ଥ ସେପ୍ଟେମ୍ବର ମାସରେ ଚାଇନିଜ ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ରିକ୍ସ ଶିଖର ସମ୍ମିଳନୀ ଯୋଗଦେବାକୁ ଭାରତ ଆସିଥିଲେ ହେଁ ସୀମାରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିଲା।

ଆଇଟିବିପି ମୁଖ୍ୟଙ୍କ କହିବା କଥା ଯେ ଶୌର୍ଯ୍ୟ କମାଣ୍ଡୋମାନେ ମୁହାଁମୁହିଁ ସ୍ଥିତିର ମୁକାବିଲା ବେଶ ଚମତ୍କାର ଢଙ୍ଗରେ ମୁକାବିଲା କରିଛନ୍ତି। ସେ କହିଛନ୍ତି, "ନୂଆ କରି ଗଠନ ହୋଇଥିବା ଶୌର୍ଯ୍ୟ କମାଣ୍ଡୋମାନେ ଏହି ଉତ୍ତେଜନା ସମୟରେ ଅତ୍ୟନ୍ତ ଚମତ୍କାର ଭୂମିକା ଗ୍ରହଣ କରିଛନ୍ତି।"ଶୌର୍ଯ୍ୟ କମାଣ୍ଡୋମାନେ ଉଚ୍ଚ ସ୍ଥାନରେ ଯୁଦ୍ଧ କୌଶଳରେ ବେଶ ପାରଙ୍ଗମ। ତେଣୁ ଚାଇନିଜ ସୈନ୍ୟଙ୍କୁ ସେମାନେ ସୀମାରେ କଡ଼ା ଟକ୍କର ଦେଇଥିବା କପୁର କହିଛନ୍ତି। ୧୯୬୨ରେ ଚାଇନାକୁ ଲାଗି ରହିଥିବା ୩,୪୮୮ କିମି ଲମ୍ବା ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିର ସୁରକ୍ଷା ପାଇଁ ଆଇଟିବିପି ଗଠନ ହୋଇଥିଲା। ଏବେ ଆଇଟିପିବି ସୀମାରେ ଚାଇନାର ମୁକାବିଲା କରୁଛି।କପୁର କହିଛନ୍ତି, "ଆଇଟିପିବି ଗୋଟିଏ ପାହାଡ଼ ଗରିଲା ଫୋର୍ସ ଭାବେ ଗଠନ ହୋଇଥିଲା। ୨୦୦୪ରେ ଆମକୁ ଚାଇନା ସହ ଲାଗିଥିବା ସୀମାର ସୁରକ୍ଷା ଦାୟିତ୍ୱ ମିଳିଥିଲେ। ଆମକୁ ଆମର ପ୍ରକୃତ କାର୍ଯ୍ୟକୁ କେବେ ହେଲେ ଭୁଲି ଯିବା ନାହିଁ।"

ଚାଇନା ସବୁଠାରୁ ଚ୍ୟାଲେଞ୍ଜିଂ ପ୍ରଶ୍ନ ବୋଲି ସ୍ୱୀକାର କରି ଆଇଟିବିପି ଡିଜି କପୁର କହିଛନ୍ତି ଯେ ଫୋର୍ସ ପକ୍ଷରୁ ନିଜର ସମସ୍ତ ବର୍ଡ ୟୁନିଟ ପାଇଁ ଡ୍ରୋନ ପ୍ଲାଟୁନ୍ସ ଗଠନ କରାଯାଇଛି। ଗଲୱାନ ଭଳି ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ଯୁଦ୍ଧ କୌଶଳର ତାଲିମ ଦିଆଯାଇଛି। ସବୁ ସ୍ଥିତିର ମୁକାବିଲା ପାଇଁ ଅଣ୍ଡରଗ୍ରାଉଣ୍ଡ ଭିତ୍ତିଭୂମି ମଧ୍ୟ ନିର୍ମାଣ କରାଯାଇଥିବା ସେ କହିଛନ୍ତି। ବେଶ କିଛି ମାସ ହେବ ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଉତ୍ତେଜନା ଲାଗି ରହିଛି। ଜୁଲାଇ ମାସରେ ପିପୁଲ୍ସ ପାର୍ଟି ଅଫ ଅରୁଣାଚଳ ପ୍ରଦେଶର ଗୋଟିଏ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯାଞ୍ଚ ପରେ କହିଥିଲେ ଯେ ପିଏଲଏ ଟ୍ରୁପ୍ସ ତାକସିଙ୍ଗରେ ଭାରତର ପ୍ୟାଟ୍ରୋଲିଂକୁ ବିଭିନ୍ନ ସ୍ଥାନରେ ଅବରୋଧ କରିଛି ।ଅପର ସୁବାନସିରି ଜିଲ୍ଲାରେ ଚାଇନିଜ କାର୍ଯ୍ୟକଳାପ ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ମଧ୍ୟ ଦଳ କହିଥିଲେ। ହେଲେ ସରକାର ଏହାକୁ ଗ୍ରହଣ କରି ନଥିଲେ। ସରକାର ଅରୁଣାଚଳକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କହି ସବୁ ତଥ୍ୟକୁ ଫାଙ୍କି ଦେଇଥିଲେ। କିନ୍ତୁ ଏବେ ଆଇଟିବିପି ଡିଜି ସରକାରଙ୍କ ସବୁ ମିଛକୁ ଧରା ପକାଇ ଦେଇଛନ୍ତି।

ଏହି ଦାବିକୁ କଂଗ୍ରେସ ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ

## ନବୀନଙ୍କ ଚିଠିର ଜବାବ ରଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୩।୧୦(ନି.ପ୍ର.): କୋଟିଆକୁ ନେଇ ରାଜ୍ୟ ରାଜନୀତି ସରଗରମ । ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଶାସକ-ବିରୋଧୀ ମୁହାଁମୁହିଁ । କୋଟିଆ ପ୍ରସଙ୍ଗରେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ସୋସିଆଲ୍ ମିଡିଆରେ ଏହାର ଜବାବ ରଖିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।



ଧର୍ମେନ୍ଦ୍ର କହିଛନ୍ତି, ଏହା କୌଣସି ଦଳର ପ୍ରସଙ୍ଗ ନୁହେଁ ବରଂ ସବୁ ଦଳ ମିଶି ଏହି ସମସ୍ୟାକୁ ସମାଧାନ କରିବା ଦରକାର । ତେବେ ରାଜନୀତି ଏତିକିରେ ଥମିନାହିଁ । ବିଜେଡିର ଏକ ପ୍ରତିନିଧି ଦଳ ଆଜି କୋଟିଆରେ ପହଁଚିଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟକଳାପର ବିରୋଧ କରିବା ଉଦ୍ଦେଶ୍ୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ପ୍ରତିନିଧିମଣ୍ଡଳୀ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି । ଏହି ଟିମ୍ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ନବୀନଙ୍କୁ ପ୍ରଦାନ କରିବେ । ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ଝିନ୍ନ ହିକକା, ବିଜେଡି ନେତା ମନୋହର ରନ୍ଧାରୀ, ଜଗନ୍ନାଥ ସାରକା, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ରମେଶ ମାଝୀ ପ୍ରମୁଖ ରହଛନ୍ତି ।

ସେପଟେ ବିଜେପି ସାଧାରଣ ସଂପାଦକ ବିରଞ୍ଚି ତ୍ରିପାଠୀ କହିଛନ୍ତି ଯେ ରାଜ୍ୟର ଇଞ୍ଚେ ଜାଗା କାହାକୁ ଦିଆଯିବ ନାହିଁ । ଏଥିପାଇଁ ବିଜେପି ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ । ବିରଞ୍ଚି ଏକପ୍ରେସ ମିଟ୍ ରେ ବିଜେଡିର କାର୍ଯ୍ୟକଳାପକୁ ପ୍ରଶ୍ନ କରିଛନ୍ତି । ନବୀନ ବାବୁ ଟୁଇଟ୍ କରୁଛନ୍ତି, ଚିଠି ଲେଖୁଛନ୍ତି ଏବଂ କମିଟି କରି କୋଟିଆ ପଠାଉଛନ୍ତି, ହେଲେ ଆପଣ ୨୪ ବର୍ଷ ଧରି ଶାସନରେ ଥିଲେ।୨୪ ବର୍ଷ ଭିତରେ ଆପଣଙ୍କ ଦଳରୁ କିଏ କିଏ ସେଠାକୁ ଯାଇଥିଲେ ତାର ଲିଷ୍ଟ୍ ଦିଅନ୍ତୁ ।ଗୃହ କମିଟି ଯିବ ବୋଲି କହିଥିଲେ, ହେଲେ ବର୍ଷ ପରେ ବର୍ଷ ଗଲା କିନ୍ତୁ ଗୃହ କମିଟି କୋଟିଆ ଗଲା ନାହିଁ। ଆଜି ସେ ବିଷୟରେ ବିଜେଡି ପ୍ରଶ୍ନ ଉଠେଇବା ପୂର୍ବରୁ ଚିନ୍ତା କରିବା ଦରକାର ବୋଲି ବିଜେପି କହିଛି ।

## ଓଡ଼ିଶାରେ ୨ ଘଣ୍ଟା ୨୫ ମିନିଟ୍ ରହିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୩।୧୦(ନି.ପ୍ର.): ଆସନ୍ତା ୨୫ତାରିଖ ଅର୍ଥାତ୍ ରବିବାର ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଗସ୍ତ ସମୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କ ୨ ଘଣ୍ଟା ୨୫ ମିନିଟର



କାର୍ଯ୍ୟକ୍ରମ ରହିଛି । ରବିବାର ଅପରାହ୍ନ ୪ଟା ୧୦ମିନିଟରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ମୋଦି । ସେଠାରେ ତାଙ୍କୁ ହଜାର ହଜାର କାର୍ଯ୍ୟକର୍ତ୍ତା ସ୍ୱାଗତ କରିବେ । ଏହାପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଖୋର୍ଦ୍ଧା ହେଲିପ୍ୟାଡ଼ ଯିବେ । ସେଠାରେ ୪ଟା ୩୫ମିନିଟରେ ପହଞ୍ଚିବେ । ଆରବିଆଇର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଉଦଘାଟନ କାର୍ଯ୍ୟକ୍ରମରେ ୪ ଟା ୪୫ମିନିଟରେ ପହଞ୍ଚି ସେଠାରେ ପ୍ରାୟ ୧ ଘଣ୍ଟା ରହିବେ । ଗ୍ରୀନ ଫିଲ୍ଡ ଡାଟା ସେଣ୍ଟର ଉଦଘାଟନ ସହ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି । ୫ ଟା ୪୫ମିନିଟରେ ସେଠାରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ସନ୍ଧ୍ୟା ୬ଟା ୩୫ ମିନିଟରେ ଭୁବନେଶ୍ୱରରୁ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।



# ଜୀବନଚର୍ଯ୍ୟା





## କୋଲୋନ୍ କ୍ୟାନସରର ଉପଚାର କଫିରେ

ଯେଉଁମାନେ କୋଲୋନ୍ କ୍ୟାନସର (ପେଟରେ କ୍ୟାନସର)ରେ ଆକ୍ରାନ୍ତ ଥିବେ ସେମାନଙ୍କ ପାଇଁ ଗୋଟିଏ କପ୍ କଫି ବହୁତ ଲାଭଦାୟକ। ଏକ ରିପୋର୍ଟ ଅନୁଯାୟୀ, ଯଦି ପେଟରେ କ୍ୟାନସର ହୋଇଥିବା ବ୍ୟକ୍ତି ଯଦି ଦିନକୁ ଚାରି କପ୍ କଫି ପିଉଛନ୍ତି, ତେବେ ଏହାର ପ୍ରଭାବ ବହୁତ ପ୍ରଭାବଶାଳୀ ହୋଇପାରେ। ରିପୋର୍ଟ ଅନୁଯାୟୀ, କଫି ପିଇବା ଦ୍ୱାରା ପେଟରେ କ୍ୟାନସର ବୃଦ୍ଧି ଉପରେ ବ୍ରେକ୍ ଦେଇଥାଏ। ଏମିତିକି ସ୍ଥିତି ବିଗିଡିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଏଥିସହ ଜଣାପଡ଼ିଛି ଯେ ଦିନକୁ ଅତି କମରେ ଚାରି କପ୍ କଫି ପିଉଥିବା ରୋଗୀଙ୍କ ବଞ୍ଚିବାର ସମ୍ଭାବନା ବଢ଼ିଥାଏ। ତେବେ ଏହା ଲାଭଦାୟକ ହେବ ଯେଉଁମାନଙ୍କ ବୟସ ୫୦ ବର୍ଷରୁ କମ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ୫୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଏତେଟା ସଫଳ ନୁହେଁ ବୋଲି ଜଣାପଡ଼ିଛି। ତେବେ ଏହି କୋଲେନ୍ କ୍ୟାନସର ପାଇଁ କେବଳ କଫି ଉପରେ ର୍ନିଭର କରିବା ଠିକ୍ ନୁହେଁ। ଡକ୍ଟର କିମି ନାଗ କହିଛନ୍ତି, କୋଲେନ୍ କ୍ୟାନସର ରୋଗୀଙ୍କ ଅବସ୍ଥା ସୁଧାରିବାରେ କଫି ସହାୟକ ହେଉଛି। ଏହାକୁ ନେଇ ଅନୁସନ୍ଧାନ ଚାଲିଛି। ବ୍ୟକ୍ତି ଅନୁସାରେ ଏହା ଅଲଗା ଅଲଗା ହୋଇପାରେ।



### ଖବର

## ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର



ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେବା ସହ ପ୍ରକୃତିର ନୀତି ନିୟମ ଅନୁସାରେ ନିଜ ଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି। ଯେଉଁ ମଣିଷ ଦୋଷଦୃଷ୍ଟି ରହିତ ହୋଇ ଶ୍ରଦ୍ଧାଯୁକ୍ତ ଓ ଅନାସକ୍ତ ଭାବେ କର୍ମ କରେ ସେ କର୍ମବନ୍ଧନରୁ ମୁକ୍ତି ପାଇ ପାରିବ। କିନ୍ତୁ ଯେଉଁ ମନୁଷ୍ୟ ଈଶ୍ୱରଙ୍କ ଠାରେ ଦୋଷାରୋପ କରି ଅନାସକ୍ତ ଭାବେ କର୍ମ ନକରି କର୍ମଫଳକୁ ଆଖିରେ ରଖି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି। ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ୍ୟ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି। କିନ୍ତୁ ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି। ଇନ୍ଦ୍ରିୟ ମଧ୍ୟରେ ରାଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରାଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ। କାରଣ ରାଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି। ଏହା ସହ କହିଛନ୍ତି: ସ୍ୱଧର୍ମ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକାରୀ। ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି। ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ। ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ। ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ। ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ'। ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ'। 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ। ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ'। ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ।

ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



## ପରିବାରରେ ହସଖୁସି ବଜାୟ ରଖେ ଏହି ଉପାୟ

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁ। ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାର ରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

## ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ



ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ' ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ୍ୟ ସମୟ ପାଉନାହିଁ। ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି। କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ୍ୟ ମିଳିଥାଏ। ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ। ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ। ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ। ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ। ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ। ସେ ନିଜ କାମରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ। ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ୍ୟ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ। କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ। ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ। ଚାଲି ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ୍ୟ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ। ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ୍ୟ ସୁସ୍ଥ ରୁହେ। ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ। ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ। ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ୍ୟ ବୃଦ୍ଧି ହୁଏ। ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ। ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧ୍ୟାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ। ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ୱ ଜାଣିବାକୁ ମିଳିଥାଏ। ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ। ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ। ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଆସିଥାଏ। ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ।

## ଦୁନିଆର ସବୁଠୁ ଦାମୀ ପରିବା

ପନିପରିବା ଶସ୍ତାରେ ମିଳେ। ତେବେ ଦୁନିଆରେ ସବୁଠୁ ଦାମୀ ପରିବା ବିଷୟରେ ଜାଣନ୍ତି କି? ଯାହାର ଦାମ୍ ସାଧାରଣ ପରିବା ବା ମାଛମାଂସଠୁ ମଧ୍ୟ ବହୁ ଗୁଣରେ



ଅଧିକ। କିଲୋ ପ୍ରତି ୮୦୦୦୦ ଟଙ୍କାରେ ବିକ୍ରି ହେଉଥିବା ଏହି ପରିବାର ନାମ ହେଉଛି ହପ୍ ସୁଟ। ଏହାର ଫୁଲକୁ ହପ୍ କୋନ୍ସ କୁହାଯାଏ। ବଜାର ତଥା ଷ୍ଟୋରଗୁଡ଼ିକରେ ଏହି ପରିବା ମିଳିବା ମୁସ୍କିଲ୍। ତେବେ ଏହାର ଫୁଲ ହପ୍ କୋନ୍ସକୁ ବିୟର ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ଏହାର ଡାଳ ବା ଡେମ୍ଫକୁ ଆପଣ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବେ। ଏହି ପରିବାରେ ରହିଛି ଅନେକ ଔଷଧୀୟ ଗୁଣ। ପ୍ରାୟ ୮୦୦ ଶତାବ୍ଦୀରେ ଏହାକୁ ଆବିଷ୍କାର କରାଯାଇଥିଲା। ଉ□ର ଜର୍ମାନୀର କୃଷକମାନେ ପ୍ରଥମେ ଏହାକୁ ବିୟରର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥିଲେ। ପରେ ୧୭୧୦ରେ ଇଂଲଣ୍ଡ ପାର୍ଲିଆମେ□ ଏହା ଉପରେ ଟ୍ୟାକ୍ସ ଲଗାଇଥିଲେ ଏବଂ ସବୁପ୍ରକାର ବିୟର ପ୍ରସ୍ତୁତିରେ ଏହାର ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ସେବେଠୁ ଏହାର ବ୍ୟବହାର ଚାଲିଆସୁଛି।

ଏଥିରେ ଥିବା ଔଷଧୀୟ ଗୁଣ ଶରୀରର ଅନେକ ସମସ୍ୟା ଦୂର କରେ। ଦାନ୍ତମୂଳରେ ହେଉଥିବା କଷ୍ଟଠୁ ଆରମ୍ଭ କରି ଟି.ବି ଭଳି ରୋଗର ଉପଶମ କରିପାରେ ଏହି ଉଦ୍ଭିଦ। ଏଥିରେ ରହିଛି ଆଣ୍ଟିବାୟୋଟିକର ଗୁଣ। ଏହାର ଡେମ୍ଫ ବା ଡାଳକୁ ଖାଦ୍ୟରେ ପିଆଜ ଭଳି ବ୍ୟବହାର କରିପାରିବେ ବା ଗ୍ରିଲ୍ କରି ଖାଇପାରିବେୟ ଚାହିଁଲେ ଏହାର ଆଚାର ମଧ୍ୟ ତିଆରି କରିପାରିବେ। କ□। ଖାଇଲେ ଏହା ପାଟିକୁ ପିତା ଲାଗେ। ତେବେ ଏହି ପରିବା ଚାଷ ବାରମାସ ଯାକ କରିହେବ କିନ୍ତୁ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ଏହାପାଇଁ ଅଧିକ ଅନୁକୂଳ। ଏହାର ଚାଷ ପାଇଁ ସୂର୍ଯ୍ୟ କିରଣର ଆବଶ୍ୟକତା ରହିଛି ଯାହା ଗଛ ବଢ଼ିବାରେ ସାହାଯ୍ୟ କରେ। ଗୋଟିଏ ଦିନରେ ଏହା ପ୍ରାୟ ୬ ଇ□ ଯାଏଁ ବଢ଼ିପାରେୟ ଆମେରିକା, ଜର୍ମାନୀ, ଚାଇନା, ପୋଲାଣ୍ଡ ଆଦି ଦେଶଗୁଡ଼ିକରେ ଏହାର ଚାଷ କରାଯାଏ।

## ୩୧ରେ ଏଆଇଟିୟୁସିର ତାଳଚେର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୨୩।୧୦(ମହାଭାରତ): ଭାରତର ସର୍ବ ପ୍ରଥମ ସର୍ବଭାରତୀୟ ଟ୍ରେଡ୍ ୟୁନିୟନ ସଂଗଠନ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ କାର୍ଯ୍ୟାଳୟ ରେ ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଟିୟୁସି ର ୧୦୬ ବର୍ଷ ପୂର୍ତ୍ତି ଓ ୧୦୭ତମ ପ୍ରତିଷ୍ଠା ଦ୍ୱିସ ରେ ଏହାର ୧୪ଶ ରାଜ୍ୟ ସମ୍ମିଳନୀ ତାଳଚେର ଠାରେ ୩୧ ଅକ୍ଟୋବର ପୂର୍ବାହ୍ନ ୧୦ଟା ରେ ମହା ସମାରୋହରେ ବିଶାଳ ଶୋଭାଯାତ୍ରା ଓ ସମାବେଶରେ ଆରମ୍ଭ ହେବ। ଏଥିରେ ଏଆଇଟିୟୁସି ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡଃ ଅମରଜିତ୍ କାଉର ଉଦବୋଧନ ଦେବେ।

## ସବୁ ଲୋକଙ୍କୁ ପୁଷ୍ଟିକର ଓ ସୁରକ୍ଷିତ ଖାଦ୍ୟ ଯୋଗାଣ ପାଇଁ ସଂକଳ୍ପ ନେବାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର, ୨୩।୧୦(ମହାଭାରତ): ବିଶ୍ୱ ଖାଦ୍ୟ ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଖାଦ୍ୟ ସୁରକ୍ଷା ସୁଦୃଢ଼ କରିବା ଏବଂ ସମାଜର ଅବହେଳିତ ଓ ଦୁର୍ବଳ ବର୍ଗଙ୍କୁ ଖାଦ୍ୟ ଯୋଗାଇଦେବା ଦିଗରେ ଓଡ଼ିଶାର ପଦକ୍ଷେପକୁ ସେ ଉଲ୍ଲେଖ କରିଛନ୍ତି।ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ଓଡ଼ିଶା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲା। ଏହା ମାଧ୍ୟମରେ ପ୍ରତ୍ୟେକ ଅସହାୟ ଓ ଅସୁରକ୍ଷିତ ପରିବାରକୁ ଖାଦ୍ୟ ଉପଲବ୍ଧ କରାଇବା ସହ ସେମାନଙ୍କ ମର୍ଯ୍ୟାଦା ଓ ଅଧିକାରକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ବୋଲି ନବୀନ କହିଛନ୍ତି।ଏହି ଅବସରରେ ସମସ୍ତଙ୍କ ପାଇଁ ପୁଷ୍ଟିକର ଓ ସୁରକ୍ଷିତ ଖାଦ୍ୟ ସୁନିଶ୍ଚିତ କରିବା ଦିଗରେ ସାମୂହିକ ସଂକଳ୍ପ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି।

## ସେନାନୀମାନଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୧ ଅକ୍ଟୋବର (ହି.ସ)- ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠା ଦିବସରେ ବୀର ସେନାନୀମାନଙ୍କୁ ସ୍ମୃତିଚାରଣ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ ଏକ୍ସରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠା ଦିବସରେ ଏହାର ବୀର ସେନାନୀମାନଙ୍କୁ ସ୍ମରଣ କରୁଛୁ। ସେ କହିଛନ୍ତି ଯେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦୂରଦର୍ଶୀ ନେତୃତ୍ୱରେ ୨୧ ଅକ୍ଟୋବର ୧୯୪୩ରେ ଆଜାଦ ହିନ୍ଦର ଅସ୍ଥାୟୀ ସରକାର ଗଠନ କରାଯାଇଥିଲା। ଏହା ଭାରତକୁ ଔପନିବେଶିକ ଶାସନରୁ ମୁକ୍ତ କରିବା ପାଇଁ ଅଟଳ ସଂକଳ୍ପର ପ୍ରତୀକ ଥିଲା। ସେମାନଙ୍କର ସାହସ, ବଳିଦାନ ଓ ଦେଶପ୍ରେମର ଭାବନା ଆଜି ମଧ୍ୟ ପିଢ଼ିପରେ ପିଢ଼ିକୁ ପ୍ରେରଣା ଯୋଗାଇ ଆସୁଛି।

# ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

ଭୁବନେଶ୍ୱର, ୨୩।୧୦(ମହାଭାରତ):ଆଜି ପୂର୍ବାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୭ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀର ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କ୍ଷ ଏହାସହ ବୀର ଶହୀଦଙ୍କ ପରିବାରବର୍ଗ ପ୍ରତି ମଧ୍ୟ ସମବେଦନା ଜ୍ଞାପନ କରିଛନ୍ତି ଫଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦମାନଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା ।



ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖ ଅଂଚଳରେ ଚୀନ ସୈନ୍ୟଙ୍କ ସହ ଲଢ଼େଇ କରି ୧୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ସେହି ବୀର ଯବାନଙ୍କ ଅଦମ୍ୟ ସାହସ ଓ ସର୍ବୋଚ୍ଚ ବଳିଦାନର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ସମଗ୍ର ଦେଶରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ କରାଯାଉଛି।

ଚଳିତ ବର୍ଷ ଦେଶର ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ୧୫୪ ଜଣ ଯବାନ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣବଳି ଦେଇଛନ୍ତି। ଡିଜିପି ଅମର ଶହୀଦଙ୍କ ଅତୁଳନୀୟ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠାକୁ ସ୍ମରଣ କରିବା ସହ ସେମାନଙ୍କ ବଳିଦାନ ସମଗ୍ର ପୋଲିସ ବାହିନୀ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାରେ ମାଓବାଦୀ ବିରୋଧୀ ଅଭିଯାନ ସମୟରେ ଶହୀଦ ହୋଇଥିବା ଓଡ଼ିଶା ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀର ବୀର ଯବାନମାନଙ୍କ ବଳିଦାନକୁ ସ୍ମରଣ କରି ଡିଜିପି ସେମାନଙ୍କ ପ୍ରତି ଗଭୀର ସମ୍ମାନ ଜଣାଇଥିଲେ। ସେମାନଙ୍କ ସାହସ, ତ୍ୟାଗ ଓ ନିରନ୍ତର ପ୍ରୟାସ ଯୋଗୁଁ ରାଜ୍ୟରେ ମାଓବାଦୀ ହିଂସାର ମୁକାବିଲା କରି ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇଛି। ଏହି ବୀର ଯବାନଙ୍କ ପରିବାରବର୍ଗଙ୍କ ତ୍ୟାଗ ଓ ଧୈର୍ଯ୍ୟକୁ ସେ ସମ୍ମାନ ଜଣାଇଥିଲେ।

ଡିଜିପି କହିଥିଲେ ଯେ, ବର୍ତ୍ତମାନ ପୋଲିସର ଦାୟିତ୍ୱ କେବଳ ଅପରାଧ ନିୟନ୍ତ୍ରଣରେ ସୀମିତ ନୁହେଁ। ଆତଙ୍କବାଦ, ମାଓବାଦ, ସଂଗଠିତ ଅପରାଧ, ସାଇବର ଅପରାଧ ଓ ନିଶାଦ୍ରବ୍ୟ ଚୋରାଚାଲାଣର ମୁକାବିଲା ସହ ମହିଳା ଓ ଶିଶୁଙ୍କ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ରକ୍ଷା ଭଳି ଅନେକ ଆହ୍ୱାନର ସାମ୍ନା କରିବାକୁ ପଡୁଛି। ଏସବୁ କ୍ଷେତ୍ରରେ ସଫଳତା ପାଇଁ ପୋଲିସ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, ଆଧୁନିକ ଜ୍ଞାନକୌଶଳର ଉପଯୋଗ ଓ ନିରନ୍ତର ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ।

ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ସଚ୍ଚୋଟତା, ସାହସ ଓ ନିଷ୍ଠାର ସହ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଅର୍ଜନ କରିବାକୁ ସେ ଆହ୍ୱାନ ଜଣାଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଆନ୍ଧ୍ରପ୍ରଦେଶର ୧, ଅରୁଣାଚଳ ପ୍ରଦେଶର ୧, ଆସାମର ୬, ବିହାରର ୧୨, ଛତିଶଗଡର ୬, ଗୁଜୁରାଟର ୨, ହରିୟାନାର ୪, ଝାଡ଼ଖଣ୍ଡର ୩, କର୍ଣାଟକର ୫, କେରଳମର ୧, ମଧ୍ୟପ୍ରଦେଶର ୯, ମହାରାଷ୍ଟ୍ରର ୨, ମଣିପୁରର ୧, ପଞ୍ଜାବର ୨, ରାଜସ୍ଥାନର ୫, ତାମିଲନାଡୁର ୬, ତେଲେଙ୍ଗାନାର ୪, ଉତ୍ତରପ୍ରଦେଶ ର ୬, ଉତ୍ତରାଖଣ୍ଡର ୧, ପଶ୍ଚିମବଙ୍ଗର ୫, ଦିଲ୍ଲୀର ୩, ଜାମ୍ମୁ ଓ କାଶ୍ମୀର ର ୯, ଆସାମ ରାଇଫଲର ୬, ବିଏସଏଫ ର ୨୫, ସିଆଇଏସଏଫ ର ୪, ସିଆରପିଏଫ ର ୨, ଆଇଟିବିପି ର ୯, ଏସଏସବିର ୫, ଅଗ୍ନିଶମ ସେବା, ସିଭିଲ୍ ଡିଫେନ୍ସ ଓ ହୋମଗାର୍ଡର ୧ ଏବଂ ଆରପିଏଫର ୮ ଜଣ ଶହୀଦ ହୋଇଛନ୍ତି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଶହୀଦ ସ୍ମୃତି ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଗୁଇନ୍ଦା) ଶ୍ରୀ ଆର. ପି. କୋଚେ, ନିର୍ଦ୍ଦେଶକ (ଭିଜିଲାନ୍ସ) ଶ୍ରୀ ଯଶବନ୍ତ କୁମାର ଜେଠଓ୍ୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଶ୍ରୀ ଏସ. କେ. ପ୍ରିୟଦର୍ଶୀ, ନିର୍ଦ୍ଦେଶକ (ଏସଏଫଏସଏଲ) ଡ଼ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ) ଶ୍ରୀ ଅସୀତ କୁମାର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ଶ୍ରୀ ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଶ୍ରୀ ୟତୀନ୍ଦ୍ର କୋୟଲଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ: ଭକ୍ତ

ଭୁବନେଶ୍ୱର, ୨୩।୧୦(ମହାଭାରତ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଆଜାଦ ହିନ୍ଦ ବାହିନୀର ୮୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମାରୋହର ଦ୍ୱିତୀୟ ଦିବସରେ 'ପ୍ରାକୃତିକ ସମ୍ପଦ ଓ ଆଗାମୀ ପିଢ଼ି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।



ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଓଡ଼ିଶାର ଖଣିଜ ଓ ପ୍ରାକୃତିକ ସମ୍ପଦର ସୁରକ୍ଷାରେ ରାଜ୍ୟର ଡବଲ ଇଞ୍ଜିନ ସରକାର ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ପୁଞ୍ଜିପତିଙ୍କ ହାତରେ ସମ୍ପତି କେନ୍ଦ୍ରୀଭୂତ ହେବା ସାଧାରଣ ଲୋକଙ୍କ ବିକାଶରେ ବାଧକ ସାଜୁଥିବା ସେ କହିଥିଲେ। ଗାନ୍ଧିଜୀ ଓ ନେତାଜୀଙ୍କ ଆଦର୍ଶରେ ସତ୍ୟାଗ୍ରହ ମାଧ୍ୟମରେ ଦେଶ ଓ ରାଜ୍ୟର ସମ୍ପଦକୁ ସୁରକ୍ଷା ଦେବାକୁ ସେ ଆହ୍ୱାନ ଦେଇଥିଲେ।

ଅତିଥି ବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମତାକ୍ରାନ୍ତି ଦଳର ଜାତୀୟ ଅଧ୍ୟକ୍ଷ ବ୍ରଜ କିଶୋର ତ୍ରିପାଠୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ବକ୍ତାମାନେ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ, ୨୦୨୬କୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାଦ୍ୱାରା ଦେଶ ଓ ଓଡ଼ିଶାର ପ୍ରାକୃତିକ ସମ୍ପଦ କମ୍ପାନୀଙ୍କ ହାତକୁ ଚାଲିଯିବାର ଆଶଙ୍କା ରହିଥିବା ଅଭିଯୋଗ କରିଥିଲେ। ରାଜ୍ୟର ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦ୍ୱାରା ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିବା ସହ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେମାନେ ମତ ଦେଇଥିଲେ। ସମ୍ପଦ ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ନେତାଜୀଙ୍କ ଆଦର୍ଶରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ନେତାଜୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

# କୋଟିଆ ସମସ୍ୟାର ସମାଧାନ ପାଇଁ ମିଳିତ ଉଦ୍ୟମ ଆବଶ୍ୟକ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର/ନୂଆଦିଲ୍ଲୀ, ୨୩।୧୦(ମହାଭାରତ): ଓଡ଼ିଶା ଏବଂ ପ୍ରତ୍ୟେକ ଓଡ଼ିଆ ଜାତି ପାଇଁ କୋଟିଆ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ସମସ୍ତେ ଜାଣିଛନ୍ତି । କୋଟିଆ ହେଉଛି ଓଡ଼ିଶାର ଅସ୍ମିତା, ସାର୍ବଭୌମତ୍ୱ ଓ ଅଖଣ୍ଡତାର ପରିଚୟ। ଓଡ଼ିଆ ଭାବେ କୋଟିଆକୁ ନେଇ ଦୀର୍ଘ ସମୟ ଧରି ଦେଖାଯାଇଥିବା ସୀମା ବିବାଦ ନିଶ୍ଚୟ ଭାବେ ଚିନ୍ତାଜନକ। ଦଳ ମତ ନିର୍ବିଶେଷରେ ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହୋଇ ମିଳିତ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।



ଶ୍ରୀ ପ୍ରଧାନ କହିଛନ୍ତି ଯେ, ସେ ନିଜେ ଏପ୍ରିଲ ୨୦୧୮, ଫେବୃୟାରୀ ୨୦୧୯ ଏବଂ ଏପ୍ରିଲ ୨୦୨୩ରେ କୋଟିଆ ଗ୍ରାମକୁ ଗସ୍ତ କରି ସେଠାକାର ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅଂଚଳରେ ଆନ୍ଧ୍ରପ୍ରଦେଶର ବାରମ୍ବାର ହସ୍ତକ୍ଷେପ ତଥା ସୀମା ବିବାଦକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସେ ନଭେମ୍ବର ୧୮, ୨୦୨୦ ଓ ଅକ୍ଟୋବର ୩୧, ୨୦୨୨ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ସେପ୍ଟେମ୍ବର ୨୨, ୨୦୨୧ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ ।ଏହି ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଂଚଳର ସମସ୍ୟାର ସମାଧାନ କରିବା ପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ସ୍ତରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ଏକ ଅନୁକୂଳ ବାତାବରଣ ତିଆରି କରି ସମାଧାନର ସ୍ଥାୟୀ ବାଟ କାଢ଼ିବା ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର ଏବଂ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଭଳି ମହାପୁରୁଷମାନଙ୍କ ତ୍ୟାଗ ଓ ବଳିଦାନ କେବେହେଲେ ବ୍ୟର୍ଥ ଯିବ ନାହିଁ। ଓଡ଼ିଆ ଅସ୍ମିତା ପାଇଁ ଆମର ଏହି ନିରନ୍ତର ଲଢ଼େଇ ଜାରି ରହିବ। ଓଡ଼ିଶାର ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

## ଓଡ଼ିଶାର ଆଇଟିଆଇ କ୍ଲଷ୍ଟର ପାଇଁ ୨୪୦.୫୦ କୋଟି ମଞ୍ଜୁର

ଭୁବନେଶ୍ୱର, ୨୩।୧୦(ମହାଭାରତ): ଓଡ଼ିଶାର ଯୁବକଯୁବତୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ପିଏମ୍ ସେତୁ ଯୋଜନା ଅଧୀନରେ କଟକ ଆଇଟିଆଇ କ୍ଲଷ୍ଟରର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ୨୪୦.୫୦ କୋଟି ଟଙ୍କାର ନିବେଶକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ କାର୍ଯ୍ୟକାରୀ ହେବ। ଏହି ନିଷ୍ପତି ପାଇଁ ବିଜେପି ଓଡ଼ିଶା ପ୍ରଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି। ବିଜେପି ଶିକ୍ଷ ପ୍ରକୋଷ୍ଠର ସଂଯୋଜକ ତଥା ରାଜ୍ୟ ମୁଖପାତ୍ର ଡ. ତପନ କୁମାର ଚାନ୍ଦ, ମୁଖପାତ୍ର ତେଜେଶ୍ୱର ପରିଡ଼ା ଓ ସତ୍ୟବ୍ରତ ପଣ୍ଡା ଏକ ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଯୁବପିଢ଼ିଙ୍କ ଦକ୍ଷତା ବିକାଶ ବିଜେପିର ପ୍ରାଥମିକତା। ଏହି ପ୍ରକଳ୍ପରେ ସରକାରୀ ଆଇଟିଆଇ, କଟକ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଚୌଦ୍ୱାର, ପାରାଦୀପ, ଯାଜପୁର ଓ ଢେଙ୍କାନାଳ ସରକାରୀ ଆଇଟିଆଇ ସହଯୋଗୀ କେନ୍ଦ୍ର ହେବ। ଏହା ମାଧ୍ୟମରେ ଶିଳ୍ପ ୪.୦, ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତା, ସବୁଜ ଶକ୍ତି, ଇଲେକ୍ଟ୍ରିକ୍ ଯାନ ଓ ଡିଜିଟାଲ୍ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଆଧୁନିକ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣକୁ ଶିଳ୍ପର ଆବଶ୍ୟକତା ଓ ନିଯୁକ୍ତି ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ।

## 'କୋଟିଆ ବିବାଦର ସମାଧାନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ'

ଭୁବନେଶ୍ୱର, ୨୩।୧୦(ମହାଭାରତ): ଆଜି ଆଭାସୀ ମାଧ୍ୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପଂଚାୟତ ପ୍ରସଙ୍ଗରେ ବିସ୍ତୃତ ସମୀକ୍ଷା କରିଛନ୍ତି କ୍ଷ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଆଇନଗତ ଦୃଷ୍ଟିକୋଣରୁ ସମୁଚିତ ପଦକ୍ଷେପ ନେବା ଦିଗରେ ଓଡ଼ିଶାର ମହାଧିବକ୍ତା ଶ୍ରୀ ପୀତାମ୍ବର ଆଚାର୍ଯ୍ୟଙ୍କ ସହ ସବିଶେଷ ଆଲୋଚନା କରିବା ସହ ପରାମର୍ଶ ଲୋଡିଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ, ବିବାଦର ସମାଧାନ ପାଇଁ ଆବଶ୍ୟକ ଆଇନଗତ ପଦକ୍ଷେପ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଂଚଳରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତିକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।



ସୂଚନାଯୋଗ୍ୟ ଯେ, ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଓଡ଼ିଶାର କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ଗ୍ରାମ ପଂଚାୟତର କେତେକ ଅଂଚଳରେ ପଂଚାୟତ ନିର୍ବାଚନ କରିବା ନିମନ୍ତେ ଘୋଷଣାନାମା ପ୍ରକାଶ କରିଛନ୍ତି କ୍ଷ ଏ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀ ଅବଗତ ହେବା ମାତ୍ରେ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ନିମନ୍ତେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, କୋଟିଆ ଅଂଚଳରେ ଶାନ୍ତି, ସ୍ଥିରତା ଓ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ସହିତ ରାଜ୍ୟର ଆଇନଗତ ଅଧିକାର ଓ ସ୍ୱାର୍ଥର ସୁରକ୍ଷା କରିବା ରାଜ୍ୟସରକାରଙ୍କ ପ୍ରାଥମିକତା କ୍ଷ ଏହି ଦୀର୍ଘକାଳୀନ ବିବାଦର ଶୀଘ୍ର ଓ ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ସମସ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି କ୍ଷ

ରାଜସ୍ୱ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ, କୋରାପୁଟ ଜିଲ୍ଲାର କୋଟିଆ ଅଂଚଳର ଗ୍ରାମଗୁଡିକୁ ନେଇ ରହିଥିବା ଏହି ବିବାଦ ଦୀର୍ଘବର୍ଷ ଧରି ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ଓ ଆଇନଗତ ପ୍ରକ୍ରିୟାର ବିଷୟ ହୋଇରହିଛି। ୨୦୦୬ ମସିହାରେ ଆନ୍ତଃରାଜ୍ୟ ସୀମା ବିବାଦରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଦ୍ୱାରା ଦାୟର କେଶ୍ ସର୍ବୋଚ୍ଚ ନ୍ୟାୟାଳୟରେ ଖାରଜ ହେବା ପରେ ଏହା ଉପରେ ଦାଖଲ ହୋଇଥିବା ରିଭ୍ୟୁ ପିଟିସନ ଓ କ୍ୟୁରେଟିଭ୍ (ସଂଶୋଧନ) ପିଟିସନ୍ ମଧ୍ୟ ଖାରଜ ହୋଇଥିଲା। ମାତ୍ର ତୁରନ୍ତ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଦୀର୍ଘ ଷୋହଳ ବର୍ଷ ବ୍ୟବଧାନରେ ୨୦୨୨ ମସିହାରେ ତତ୍କାଳୀନ ସରକାର ପୁନଶ୍ଚ ଆଉ ଏକ କେସ ଦାଖଲ କରିଥିଲେ ; ଯାହା ଏବେ ବିଚାରଧୀନ ରହିଅଛି। ପୁନଶ୍ଚ ୨୦୨୧ ମସିହା ଫେବୃଆରୀରେ ବିବାଦୀୟ ଗ୍ରାମଗୁଡ଼ିକରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଂଚାୟତ ନିର୍ବାଚନ କରାଯିବାନେଇ ଏହି ପ୍ରସଙ୍ଗ ଅଧିକ ଜଟିଳ ହୋଇଥିଲା। ଏହାକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ସମ୍ପର୍କିତ ଆବେଦନ ଦାଖଲ କରାଯାଇଥିଲା। ଏହି କେସ ସବୁ ଅଦାଲତରେ ବିଚାରଧୀନ ଥିବା କାରଣରୁ ଆଇନଗତ ଦିଗରୁ ସମସ୍ତ ଜରୁରୀ ପଦକ୍ଷେପ ନେବାକୁ ମହାଧିବକ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ତାଙ୍କୁ ସମସ୍ତ ଆବଶ୍ୟକ ଦଲିଲପତ୍ର ଯୋଗାଇବା ସହ ସହଯୋଗ କରିବା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କୋରାପୁଟ୍ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏକ ସମ୍ବେଦନଶୀଳ ଓ ଆଇନଗତ ପ୍ରସଙ୍ଗ ହୋଇଥିବାରୁ ଏହାର ସମାଧାନ ପାଇଁ ଆଇନଗତ ତଥ୍ୟ, ଐତିହାସିକ ଦଲିଲ, ଜନଗଣନା ତଥ୍ୟ ଓ ପ୍ରଶାସନିକ ରେକର୍ଡ ଆଧାରରେ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏଣୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏହି ପ୍ରସଙ୍ଗରେ ସମ୍ପୃକ୍ତ ବିଭାଗ, ଆଇନ ବିଶେଷଜ୍ଞ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି । ବିବାଦର ଶୀଘ୍ର, ସ୍ଥାୟୀ ଓ ସାମ୍ବିଧାନିକ ସମାଧାନ ପାଇଁ ଆଇନଗତ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ସହ କୋଟିଆ ଅଂଚଳର ଲୋକଙ୍କ ନିକଟରେ ସରକାରୀ ସେବା, ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ମୌଳିକ ସୁବିଧା ନିରବଚ୍ଛିନ୍ନ ଭାବେ ପହଂଚାଇବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି।

## ମୋଦୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରିବ ନବନିର୍ମାଣ ସଂଗଠନ

ଭୁବନେଶ୍ୱର, ୨୩।୧୦(ମହାଭାରତ): ଆଗାମୀ ଅକ୍ଟୋବର ୨୫ ତାରିଖରେ ଗଣତନ୍ତ୍ର ବିରୋଧି, ସମ୍ବିଧାନ ବିରୋଧି ଓ ସାଧାରଣ ମଣିଷର ସ୍ୱାର୍ଥ ବିରୋଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନବନିର୍ମାଣ କୃଷକ ସଂଗଠନ ଓ ଯୁବଛାତ୍ର ସଂଗଠନ ତୀବ୍ର ବିରୋଧ କରିବ ବୋଲି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଗୁରୁବାର ସତ୍ୟନଗର ସ୍ଥିତ ଭୁବନେଶ୍ୱର କାର୍ଯ୍ୟାଳୟରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ବ୍ୟକ୍ତିର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଆଦାନୀ, ଆମ୍ବାନୀ ଇତ୍ୟାଦି ପୁଞ୍ଜିପତିର ଦଲାଲ ହୋଇ କାମ କରୁଥିବା ବେଳେ ସାଧାରଣ ବ୍ୟକ୍ତିର ମୌଳିକ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବା ସାମାଜିକ କର୍ମକର୍ତ୍ତାଙ୍କୁ ପୋଲିସ ଭଳି ସରକାରୀ ଗୁଣ୍ଡାର ଅପବ୍ୟବହାର କରି ଚୁପ୍ କରାଇବା ପାଇଁ ପ୍ରୟାସ ଚଳାଇଛନ୍ତି, ଯାହା ଏକଛତ୍ରବାଦୀ ଫାସୀବାଦି ହିଟଲର ପନ୍ଥାର ନମୁନା ବୋଲି ପ୍ରମାଣିତ ହୋଇଛି ବୋଲି ଶ୍ରୀ କୁମାର ପ୍ରକାଶ କରିଥିଲେ। ଗଣତନ୍ତ୍ର ବିରୋଧି ସମ୍ବିଧାନ ବିରୋଧି ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଭୋଟ ଅଭିଯୋଗରେ ଗାଦିଛାଡ଼ିବାକୁ ଚାଲିଥିବା ଗଣତାନ୍ତ୍ରିକ ସାମ୍ବିଧାନିକ ଆନ୍ଦୋଳନକୁ ପୋଲିସ ଗୁଣ୍ଡାଗିରି ମାଧ୍ୟମରେ ଦବାଇ ଦେବାର ଘୃଣ୍ୟ ପ୍ରୟାସକୁ କଦାପି ଗ୍ରହଣ କରାଯିବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। କେବଳ ତ୍ରିରଙ୍ଗା ପତାକା ଉଡ଼ାଇ ପ୍ରତିବାଦ କଲେ ମଧ୍ୟ ଜେଲ୍ କୋଠରୀ ଭିତରେ ବିତେଇବାକୁ ପଡ଼ିବ ବୋଲି କଂଗ୍ରେସ୍ ଜନତା ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ସୌରଭ ଦାସ ଏବଂ ରାଷ୍ଟ୍ରୀୟ ନେତା ଆଶୁତୋଷ ରାଙ୍କାର ଉଦାହରଣରୁ ଏହା ଆହୁରି ସ୍ପଷ୍ଟ ହୋଇଯାଇଛି। ଏତଦ୍‌ବ୍ୟତୀତ ଗୋଦୀ ମିଡ଼ିଆ ମାଧ୍ୟମରେ ଗଣତାନ୍ତ୍ରିକ ଆନ୍ଦୋଳନକୁ ବଦନାମ କରିବାର ପ୍ରୟାସ କରାଯାଉଥିବା ବେଳେ ସାମାଜିକ ଗଣମାଧ୍ୟମର ସ୍ୱରକୁ ଚାପିଦେବା ପାଇଁ ସାମାଜିକ ଗଣମାଧ୍ୟମର ତନ୍ତ୍ରଗୁଡ଼ିକୁ ଏବଂ ସାମାଜିକ କର୍ମୀମାନଙ୍କର ପ୍ରୟାସକୁ ସଂକୁଚିତ କରିବାର ସରକାରୀ ଘୃଣ୍ୟ ପ୍ରୟାସକୁ ଦୃଢ଼ ନିନ୍ଦା କରିବା ସହିତ ଏଥିପାଇଁ ପ୍ରଧାନମନ୍ତ୍ରୀ ନିଜେ ଦାୟୀ ବୋଲି ମତ ପ୍ରକାଶ ପାଇଥିଲା।

## ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ

ଭୁବନେଶ୍ୱର, ୨୨।୧୦:ପୂର୍ବତଟ ରେଳପଥ ପକ୍ଷରୁ ଆଜି ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜନ କରାଯାଇଛି। ରେଳପଥ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ରେଳ ସେବା ଓ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଏବଂ ପରାମର୍ଶ ଗ୍ରହଣ କରିଥିଲେ। ଏଥିସହ ସେ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହ ରେଳ ଷ୍ଟେସନ ପରିସରକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ମହାପ୍ରବନ୍ଧକ ଷ୍ଟେସନ ପରିସରରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ମଧ୍ୟ ନେତୃତ୍ୱ ନେଇଥିଲେ। ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ, ସୁସ୍ଥ ଓ ଉତ୍ତମ ପରିବେଶ ସୁନିଶ୍ଚିତ କରିବାରେ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ। ଏହି ପଦକ୍ଷେପରେ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ ଅନୁକୂଳ ରଖିବା ଦିଗରେ ସାମୂହିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ। 'ଜନ ସମ୍ବାଦ' ଅଭିଯାନ ରେଳ ଅଧିକାରୀ, ଯାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରୁଛି। ଏହା ମାଧ୍ୟମରେ ଯାତ୍ରୀମାନଙ୍କ ଆବଶ୍ୟକତା ବୁଝିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ସମ୍ଭବ ହେଉଛି। ଏହି ଅଭିଯାନ ସମୟରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଯାତ୍ରୀ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଏବଂ ରେଳ ପରିସରର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରୁଛନ୍ତି।

ଏହି ଅଭିଯାନ ଯାତ୍ରୀମାନଙ୍କୁ ଷ୍ଟେସନରେ ଉପଲବ୍ଧ ସୁବିଧା, ଯାତ୍ରୀ ଆନୁଷଙ୍ଗିକ ସେବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତି ସମ୍ପର୍କରେ ନିଜସ୍ୱ ମତାମତ ଓ ପରାମର୍ଶ ରଖିବାକୁ ଉତ୍ସାହିତ କରୁଛି। ଏପରି ସିଧାସଳଖ ଆଲୋଚନା ମାଧ୍ୟମରେ ରେଳ କର୍ତ୍ତୃପକ୍ଷ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତାକୁ ଭଲ ଭାବେ ବୁଝିବା ସହ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିପାରୁଛନ୍ତି। ଏହା ମାଧ୍ୟମରେ ପୂର୍ବ ତଟ ରେଳପଥ ସୁରକ୍ଷିତ, ସ୍ୱଚ୍ଛ, ଦକ୍ଷ ଓ ଯାତ୍ରୀ ଅନୁକୂଳ ରେଳ ସେବା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି।

## ବିଜେଡି ଦିଗହରା, ଦିଶାହୀନ: ମନମୋହନ

ଭୁବନେଶ୍ୱର, ୨୩।୧୦(ମହାଭାରତ):ସିଜେପିକୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମର୍ଥନ ପ୍ରସଙ୍ଗକୁ ନେଇ ତାଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ବିଜେଡି ଏବେ ଦିଗହରା ଓ ଦିଶାହୀନ ହୋଇପଡ଼ିଥିବା ବେଳେ ଦଳର ନେତାଙ୍କ ବିଚାର ବିଭ୍ରାଟ ହୋଇଛି ବୋଲି ସେ କହିଛନ୍ତି। ଅରାଷ୍ଟ୍ରୀୟ ଶକ୍ତିକୁ ସମର୍ଥନ କରିବାକୁ ରାଜ୍ୟବାସୀ ଗ୍ରହଣ କରିବେ ନାହିଁ ବୋଲି ମନମୋହନ କହିଛନ୍ତି।



ମନମୋହନ କହିଛନ୍ତି ଯେ ବିଜେଡି ନେତାମାନେ ଆଜି ଗୋଟିଏ କଥା କହୁଥିବା ବେଳେ କାଲି ଅନ୍ୟ କଥା କହୁଛନ୍ତି। ସେମାନେ କାହା ସହ ରହିବେ, ତାହା ସ୍ପଷ୍ଟ କରିବା ଉଚିତ। ପୂର୍ବରୁ ସମଦୂରତା କଥା କହୁଥିବା ବିଜେଡି କେତେବେଳେ ମେଂଟ ସହ ସାମିଲ ହେଉଛି, ତ ଆଉ କେତେବେଳେ ସେମାନଙ୍କ ଆହ୍ୱାନକୁ ବିରୋଧ କରୁଛି। ଦଳର ନେତାମାନେ କେଉଁ ପ୍ରସଙ୍ଗ ଉଠାଇବେ, ତାହା ନିଜେ ଜାଣିପାରୁନାହାନ୍ତି ବୋଲି ସେ କଟାକ୍ଷ କରିଛନ୍ତି ।ନବୀନ ପଟ୍ଟନାୟକ କେଉଁ ଉଦ୍ଦେଶ୍ୟରେ ସମର୍ଥନ ଦେଉଛନ୍ତି, ତାହା ସେ ନିଜେ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ମନମୋହନ କହିଛନ୍ତି। କିଛି ଆତ୍ମଘୋଷିତ ନେତା ଦେଶର ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି ।ସେ କହିଛନ୍ତି ଯେ ୧୯୬୫ ଓ ୧୯୭୧ ମସିହାର ଯୁଦ୍ଧ ହେଉ କିମ୍ବା ଏୟାର ଷ୍ଟ୍ରାଇକ୍ ଓ ସର୍ଜିକାଲ ଷ୍ଟ୍ରାଇକ୍, ଦେଶର ସୁରକ୍ଷା ପ୍ରସଙ୍ଗରେ ୧୪୦ କୋଟି ଭାରତୀୟ ଏକଜୁଟ ହୋଇଛନ୍ତି। ଚୀନ ଓ ପାକିସ୍ତାନ ସପକ୍ଷରେ ମତ ରଖୁଥିବା ଏବଂ ଦେଶବିରୋଧୀ କାର୍ଯ୍ୟକୁ ସମର୍ଥନ କରୁଥିବା ଲୋକଙ୍କୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

# ଓଡ଼ିଶା କ୍ରିକେଟକୁ ଆଲୋକ

ପ୍ରଜ୍ଞାନ ପ୍ରୟାଶ ଓଝାଙ୍କ ଜନ୍ମ ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଓଡ଼ିଶାର ଭୁବନେଶ୍ୱରଠାରେ ହୋଇଥିଲା। ତାଙ୍କ ପିତା ମହେଶ୍ୱର ଓଝା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମାତା ବିଦ୍ୟୁତଲତା ଓଝା ସାହିତ୍ୟରେ ସ୍ନାତକୋତର ଶିକ୍ଷାପ୍ରାପ୍ତ। ପରିବାରର ଶିକ୍ଷାଗତ ପରିବେଶ ଓ ଶୃଙ୍ଖଳା ତାଙ୍କ ଜୀବନ ଗଠନରେ ଭୂମିକା ନେଇଥିବା କୁହାଯାଇପାରେ। ପିଲାଦିନରୁ କ୍ରିକେଟ ପ୍ରତି ତାଙ୍କର ଆଗ୍ରହ ଥିଲା। ପ୍ରାୟ ଦଶ ବର୍ଷ ବୟସରେ ସେ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ କ୍ଲବରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପରେ ଉନ୍ନତ ଶିକ୍ଷା ଓ କ୍ରିକେଟରରେ ଅଧିକ ସୁଯୋଗ ପାଇବା ଉଦ୍ଦେଶ୍ୟରେ ସେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ପ୍ରଶିକ୍ଷକମାନଙ୍କ ମାର୍ଗଦର୍ଶନରେ ନିଜ ବୋଲିଂକୁ ଶାଣିତ କରିଥିଲେ। ତାଙ୍କ ଜୀବନ ଏହି ଶିକ୍ଷା ଦିଏ ଯେ ପ୍ରତିଭାର ଆରମ୍ଭ ଜନ୍ମଭୂମିରେ ହୋଇପାରେ, କିନ୍ତୁ ତାହାର ବିକାଶପାଇଁ ଅନେକ ସମୟରେ ତ୍ୟାଗ, ପରିବର୍ତ୍ତନ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ ହୁଏ। ୨୦୧୦ ମସିହା ମେ ୧୬ ତାରିଖରେ ସେ କରାବୀ ବରାଳଙ୍କୁ ବିବାହ କରିଥିଲେ। ଭାରତୀୟ ଦଳ ପାଇଁ ଖେଳିବା ସମୟରେ ସେ ନିଜର ବାମହାତୀ ସ୍ପିନ୍ ବୋଲିଂ ଦ୍ୱାରା ପରିଚିତ ହାସଲ କରିଥିଲେ। ୨୦୧୩ରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟରେ ଦଶଟି ଉଇକେଟ୍ ନେବା ତାଙ୍କ କ୍ରିକେଟ ଜୀବନର ଏକ ସ୍ମରଣୀୟ ସଫଳତା। ଏହି ଉପଲବ୍ଧି ପରେ ମଧ୍ୟ ତାଙ୍କ ଯାତ୍ରାରେ ଆହ୍ୱାନ ଆସିଥିଲା। ବୋଲିଂ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିବା, ତାହାର ସୁଧାର ପାଇଁ ପ୍ରୟାସ କରିବା ଏବଂ ପୁନର୍ବାର ପୂର୍ବ ପ୍ରଭାବ ଫେରାଇ ଆଣିବାର ସଂଘର୍ଷ ତାଙ୍କୁ କଠିନ ଅଭିଜ୍ଞତା ଦେଇଥିଲା। ୨୦୨୦ରେ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ସେ ଏହି ଖେଳ ସହିତ ଜଡିତ ରହିଥିଲେ। ଏବେ ଭାରତୀୟ ପୁରୁଷ ଦଳର ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ନୂଆ ଦାୟିତ୍ୱ ଏକ ନୂତନ ଅଧ୍ୟାୟ। ଜଣେ ଖେଳାଳୀ ଭାବେ ସେ ମଇଦାନରେ ନିଜ ପ୍ରତିଭା ପ୍ରମାଣ କରିଥିଲେ, ଏବେ ଜଣେ ଚୟନକର୍ତ୍ତା ଭାବରେ ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରିବା, ନିରପେକ୍ଷ ନିଷ୍ପତି ନେବା ଏବଂ ଭାରତୀୟ କ୍ରିକେଟର ଭବିଷ୍ୟତ ଗଢିବା ତାଙ୍କ ସମ୍ମୁଖରେ ରହିବ। ଓଡ଼ିଶା ପାଇଁ ତାଙ୍କ ସଫଳତାର ପ୍ରକୃତ ଅର୍ଥ ହେଉଛି– ଆମ ମାଟିର ପ୍ରତିଭା ଜାତୀୟ ସ୍ତରରେ ନେତୃତ୍ୱ ନେବାର ସାମର୍ଥ୍ୟ ରଖେ। ଓଡ଼ିଶାର ମାଟି କେବଳ ତ୍ୟାଗ, ତପସ୍ୟା, ସଂସ୍କୃତି, ସାହିତ୍ୟ ଓ ଆଧାତ୍ମିକତାର ମାଟି ନୁହେଁ, ଏହା ସଂଘର୍ଷ, ସାହସ, ପ୍ରତିଭା ଓ ସଫଳତାର ମଧ୍ୟ ଏକ ଅନନ୍ୟ ଭୂମି। ଏହି ମାଟିରୁ ଅନେକ ମହାନ ବ୍ୟକ୍ତିତ୍ୱ ଜନ୍ମ ନେଇ ଦେଶର ଗୌରବ ବୃଦ୍ଧି କରିଛନ୍ତି। କେହି ସାହିତ୍ୟରେ, କେହି କଳାରେ, କେହି ପ୍ରଶାସନରେ, ଆଉ କେହି କ୍ରୀଡାକ୍ଷେତ୍ରରେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ଆଜି ସେହି ଗର୍ବର ତାଲିକାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଛି। ଭୁବନେଶ୍ୱରରେ ଜନ୍ମିତ ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ପୁରୁଷ ଦଳ ଚୟନ ସମିତିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପାଇବା ଓଡ଼ିଶା ପାଇଁ ଏକ ଐତିହାସିକ ଗୌରବର ବିଷୟ। ଏହା କେବଳ ଜଣେ କ୍ରିକେଟରଙ୍କ ପଦୋନ୍ନତି ନୁହେଁ, ଏହା ଓଡ଼ିଶାର କ୍ରୀଡା ସ୍ୱପ୍ନ, ଯୁବପିଢିର ଆକାଂକ୍ଷା ଏବଂ ରାଜ୍ୟର ଅସୀମ ସମ୍ଭାବନାର ଏକ ଉଜ୍ଜ୍ୱଳ ପ୍ରତୀକ। ଅକ୍ଟୋବର ୧୯ ତାରିଖରେ ତାଙ୍କ ନାମରେ ଏହି ଗୁରୁଦାୟିତ୍ୱ ଘୋଷଣା ହେବା ପରେ ଓଡ଼ିଶାର କ୍ରୀଡାପ୍ରେମୀଙ୍କ ମନରେ ଆନନ୍ଦ, ଆତ୍ମବିଶ୍ୱାସ ଓ ଗର୍ବର ଏକ ନୂଆ ଲହରୀ ସୃଷ୍ଟି ହୋଇଛି। ଯେଉଁ ରାଜ୍ୟର ପିଲାମାନେ ଦିନେ ଭାରତୀୟ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଦେଖୁଥିଲେ, ସେହି ରାଜ୍ୟର ଜଣେ ସନ୍ତାନ ଆଜି ଭାରତୀୟ ଦଳ ଗଠନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ ହେବା ନିଶ୍ଚିତ ଭାବେ ପ୍ରେରଣାଦାୟକ। ଏହି ସଫଳତାର ମୂଲ୍ୟକୁ ବୁଝିବାକୁ ହେଲେ ପ୍ରଜ୍ଞାନ ଓଝାଙ୍କ କ୍ରିକେଟ ଯାତ୍ରାକୁ ମନେ ପକାଇବାକୁ ପଡିବ। ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ପ୍ରଜ୍ଞାନ ନିଜର ପରିଶ୍ରମ, ଅଭ୍ୟାସ ଓ ଦୃଢ ସଂକଳ୍ପ ବଳରେ କ୍ରିକେଟର ଉଚ୍ଚତମ ସ୍ତରରେ ପହଂଚିଥିଲେ। ତାଙ୍କ ଯାତ୍ରା ଆମକୁ ଶିଖାଏ ଯେ ଜନ୍ମସ୍ଥାନ ମଣିଷର ପରିଚୟର ଆରମ୍ଭ ହୋଇପାରେ, କିନ୍ତୁ ତାହାର ଶେଷ ସୀମା ନୁହେଁ। ପ୍ରତିଭାକୁ ଯଦି ଅଧ୍ୟବସାୟର ସାଥ ମିଳେ, ତେବେ ଏକ ଛୋଟ ଆରମ୍ଭ ମଧ୍ୟ ବିଶାଳ ସଫଳତାର ଦ୍ୱାର ଖୋଲିପାରେ। ବାମହାତୀ ଧୀମା ବୋଲିଂରେ ଦକ୍ଷ ପ୍ରଜ୍ଞାନ ଭାରତୀୟ ଦଳ ପକ୍ଷରୁ ୨୪ଟି ଟେଷ୍ଟ, ୧୮ଟି ଏକଦିବସୀୟ ଅର୍ନ୍ତଜାତୀୟ ମ୍ୟାଚ୍ ଓ ୬ଟି ଟ୍ୱେଂଟି–୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଟେଷ୍ଟ କ୍ରିକେଟରରେ ସେ ୧୧୩ଟି ଉଇକେଟ୍ ନେଇ ନିଜର ଦକ୍ଷତା ପ୍ରମାଣ କରିଥିଲେ। ତାଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ଅଧ୍ୟାୟ ମଧ୍ୟରୁ ଗୋଟିଏ ହେଉଛି ୨୦୧୩ ମସିହାରେ ମୁମ୍ବାଇରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚରେ ତାଙ୍କର ଦଶଟି ଉଇକେଟ୍ ଅକ୍ତିଆର। ସେହି ମ୍ୟାଚରେ ଉଭୟ ପାଳିରେ ପାଂଚଟି ଲେଖାଏଁ ଉଇକେଟ୍ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ହୋଇଥିଲେ। ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ଶିଖର। କିନ୍ତୁ ଜୀବନର ପ୍ରତ୍ୟେକ ଯାତ୍ରା ସରଳ ରେଖାରେ ଆଗକୁ ବଢେ ନାହିଁ। ବୋଲିଂ କାର୍ଯ୍ୟଶୈଳୀକୁ ନେଇ ଉଠିଥିବା ପ୍ରଶ୍ନ ତାଙ୍କ କ୍ୟାରିୟରକୁ ବାଧା ଦେଇଥିଲା। ପୂନର୍ବାର ନିଜକୁ ପ୍ରମାଣ କରିବାର ସଂଘର୍ଷ, ଜାତୀୟ ଦଳକୁ ଫେରିବାର ଆଶା ଏବଂ ଶେଷରେ ୨୦୨୦ ମସିହାରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବାର ନିଷ୍ପତି ତାଙ୍କ ଜୀବନର ଅନ୍ୟ ଏକ ଅଧ୍ୟାୟ। ଏହି ଅଭିଜ୍ଞତା ହିଁ ଆଜି ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ପାଇଁ ମୂଲ୍ୟବାନ ପୁଞ୍ଜି ହୋଇପାରେ କାରଣ ଜଣେ ଖେଳାଳୀର ସାମର୍ଥ୍ୟ ମାପିବା କେବଳ ପରିସଂଖ୍ୟାନ ଦେଖିବା ନୁହେଁ, ତାଙ୍କ ମାନସିକ ଦୃଢତା, ଶୃଙ୍ଖଳା, ଚାପ ସମ୍ଭାଳିବାର କ୍ଷମତା, ଦଳ ପ୍ରତି ନିଷ୍ଠା ଏବଂ ବିଫଳତାକୁ ଫେରିବାର ସମାର୍ଥ୍ୟକୁ ମଧ୍ୟ ବୁଝିବା ଆବଶ୍ୟକ। ଏସବୁ ଅନୁଭବ ଜଣେ ଚୟନକର୍ତ୍ତାଙ୍କୁ ଅଧିକ ସମ୍ବେଦନଶୀଳ ଓ ବିଚାରଶୀଳ କରିପାରେ। ଏହି ନୂଆ ଦାୟିତ୍ୱ ତାଙ୍କ ପାଇଁ କେବଳ ସମ୍ମାନ ନୁହେଁ, ଏକ ବଡ ପରୀକ୍ଷା ମଧ୍ୟ। ଭାରତୀୟ ପୁରୁଷ କ୍ରିକେଟ ଦଳର ଚୟନ କୌଣସି ସାଧାରଣ ପ୍ରଶାସନିକ କାର୍ଯ୍ୟ ନୁହେଁ। ଏହା କୋଟି କୋଟି କ୍ରିକେଟପ୍ରେମୀଙ୍କ ଭାବନା, ଦେଶର ଆଶା ଓ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିଷ୍ଠା ସହ ଜଡିତ। କାହାକୁ ଦଳରେ ସ୍ଥାନ ମିଳିବ, କାହାକୁ ଅପେକ୍ଷା କରିବାକୁ ପଡିବ, କେଉଁ ଯୁବ ପ୍ରତିଭାକୁ ସୁଯୋଗ ଦିଆଯିବ ଏବଂ କେଉଁ ଅଭିଜ୍ଞ ଖେଳାଳିଙ୍କ ଭବିଷ୍ୟତ ନେଇ ନିଷ୍ପତି ହେବ–ଏହି ସବୁ ପ୍ରଶ୍ନର ଉତରରେ ନିରପେକ୍ଷତା, ଦୂରଦୃଷ୍ଟି ଓ ସାହସର ଅପରିହାର୍ଯ୍ୟ। ଜନପ୍ରିୟତା ନୁହେଁ, ପ୍ରଦର୍ଶନ ହେଉ ମାନଦଣ୍ଡ, ଆଂଚଳିକ ପରିଚୟ ନୁହେଁ, ପ୍ରତିଭା ହେଉ ପ୍ରାଥମିକତା, ବାହ୍ୟ ଚାପ ନୁହେଁ, ଦଳର ଦୀର୍ଘମିଆଦି ସ୍ୱାର୍ଥ ହେଉ ନିଷ୍ପତିର ଆଧାର। ପ୍ରଜ୍ଞାନଙ୍କ ନେତୃତ୍ୱରେ ଏହି ମୂଲ୍ୟବୋଧ ଅଧିକ ସୁଦୃଢ ହେଉ ବୋଲି ଦେଶ ଆଶା କରିବ। ତାଙ୍କ ଅଧ୍ୟକ୍ଷତାରେ ଭାରତୀୟ କ୍ରିକେଟର ଭବିଷ୍ୟତ ପାଇଁ ଯୋଗ୍ୟ ଖେଳାଳି ଚିହ୍ନଟ, ନୂଆ ପ୍ରତିଭାଙ୍କୁ ସୁଯୋଗ, ଖେଳାଳିଙ୍କ ନିରନ୍ତର ପ୍ରଦର୍ଶନର ମୂଲ୍ୟାୟନ ଏବଂ ଆଗାମୀ ପିଢିର ଦଳ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏହି ସଫଳତା ଓଡ଼ିଶାର ଯୁବପିଢି ପାଇଁ ମଧ୍ୟ ଏକ ବଡ ବାର୍ତା ବହନ କରୁଛି। ଆମ ରାଜ୍ୟରେ ଅନେକ ପ୍ରତିଭାବାନ୍ ଖେଳାଳି ଅଛନ୍ତି, ଯେଉଁମାନେ ଯଥୋଚିତ ପ୍ରଶିକ୍ଷଣ, ଉପଯୁକ୍ତ ସୁବିଧା, ନିରନ୍ତର ଅଭ୍ୟାସ ଓ ସଠିକ୍ ଦିଗଦର୍ଶନ ପାଇଲେ ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିବେ। ପ୍ରଜ୍ଞାନଙ୍କ ଉଦାହରଣ ସେମାନଙ୍କୁ କହୁଛି – ସ୍ୱପ୍ନ ଦେଖିବାରେ ସଙ୍କୋଚ କରନାହିଁ, ବିଫଳତାକୁ ଭୟ କରନାହିଁ ଏବଂ ପରିଶ୍ରମର ପଥରୁ ଦୂରେଇ ଯାଅନାହିଁ। ଜଣେ ଖେଳାଳୀର ଯାତ୍ରା କେବଳ ନିଜ ପାଇଁ ନୁହେଁ, ତାଙ୍କ ସଫଳତା ଅନେକ ଅନାମଧେୟ ପ୍ରତିଭାଙ୍କ ମନରେ ଆଶାର ଦୀପ ଜଳାଇପାରେ। ଏଠାରେ ରାଜ୍ୟର କ୍ରୀଡା ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ, ପ୍ରଶିକ୍ଷକ ଓ ଅଭିଭାବଙ୍କର ମଧ୍ୟ ବଡ଼ ଦାୟିତ୍ୱ ରହିଛି। ଖେଳକୁ କେବଳ ମନୋରଂଜନ ଭାବେ ନଦେଖି ଶୃଙ୍ଖଳିତ ଜୀବନ, ସୁସ୍ଥ ସମାଜ ଓ ରୋଜଗାରର ଏକ ସମ୍ଭାବନାମୟ କ୍ଷେତ୍ର ଭାବେ ଗ୍ରହଣ କରିବାର ସମୟ ଆସିଛି। କ୍ରିକେଟରେ ଓଡ଼ିଶାର ଅବଦାନକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ମନେ ପକାଇବା ଉଚିତ। ଶିବସୁନ୍ଦର ଦାସଙ୍କ ପରି ଖେଳାଳି ଭାରତୀୟ କ୍ରିକେଟର ନିଜର ଛାପ ଛାଡିଛନ୍ତି। ଏବେ ପ୍ରଜ୍ଞାନ ଓଝାଙ୍କ ଏହି ଉଚ୍ଚ ପଦବୀ ରାଜ୍ୟର କ୍ରିକେଟ ସ୍ୱପ୍ନକୁ ଆଉ ଏକ ନୂଆ ଆଲୋକ ଦେଇଛି।

# ଶିଶୁ ମଙ୍ଗଳ ଓଡ଼ିଶା ଗଠନର ସଂକଳ୍ପ

ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିଟି ଶିଶୁ ହେଉଛନ୍ତି ଆଗାମୀ ସମାଜ, ସମ୍ଭାବନା ଏ ଦେଶର ଗର୍ବ, ଗୌରବ ଓ ସମ୍ପତ୍ତି। ଆମେ ଚାହୁଁଥିବା ଏକ ସୁନ୍ଦର ସମାଜ ଭିତରେ ସେମାନଙ୍କ ପରିକଳ୍ପନା ଅତ୍ୟନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନର ସମୟକୁ ଦେଖିଲେ ପ୍ରଗତିରେ ଓଡ଼ିଶା ଅଭିବୃଦ୍ଧି ସମ୍ପନ୍ନ। ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପ୍ରଚେଷ୍ଟା ପାଇଁ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଶିଳ୍ପ, ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି। ତଥାପି ଏହି ବିକାଶ କେତେ ଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି ? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମେ ବିବେକକୁ ପଚାରିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋର ମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ। ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ। ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା। ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ଚୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର। ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ। ଏହା ଶିଶୁ ମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ର ଗୁଡ଼ିକୁ ଦାୟିତ୍ୱବାନ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଛି। ସମ୍ବିଧାନର ଧାରା ୧୪ ଶିଶୁ ମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ। ଧାରା ୨୧–ଏ ଅନୁସାରେ ୬–୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ। ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ। ଭାରତର ଜାତୀୟ ଶିଶୁ ନୀତି ୨୦୧୩ ଶିଶୁ ମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ। ଏହି ନୀତି ଶିଶୁ ଓ କିଶୋର ମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ଦୁର୍ଭାଗ୍ୟବଶତଃ ଶିଶୁ ମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି।

ଓଡ଼ିଶାରେ ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି। ସେହି ସମୟରେ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି। ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଳାୟନ ଏକ ବଡ଼ ସମସ୍ୟା। ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନାଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର ଜୀବନ ଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ଗୁଜୁରାଟ ଆଦି ରାଜ୍ୟକୁ ଯାଉଛନ୍ତି। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟାବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏହା ସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାର ଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡ଼ି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ–୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ (ବୟସ ଅନୁସାରେ କମ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ ହୋଇଟିବା) ଓ ଆନିମିଆ ରକ୍ତହୀନତା ଏ ପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି। ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ। କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ।ପିଲାମାନଙ୍କ ଏପରି ସମସ୍ୟାର ଦାୟିତ୍ୱ କେବଳ ସରକାର ବା ପ୍ରଶାସନର ନୁହେଁ। ଏ ଦାୟିତ୍ୱ ଆମ ସମସ୍ତଙ୍କର। ସମାଜରେ ଶିଶୁ ମାନଙ୍କର ନୈତିକ, ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ କ୍ଷେତ୍ରର ବିକାଶ ପାଇଁ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ସବୁଠାରୁ ବଡ଼କଥା ହେଉଛି ପିଲାଟିଏ ହେଲେ ମଧ୍ୟ ସେମାନଙ୍କ ପାଖରେ ଟିକିଏ ସମୟ କାଟିବା, ସେମାନଙ୍କୁ ଭଲ ପାଇବା, ସେମାନଙ୍କ ମତାମତକୁ ଗ୍ରହଣ କରିବା ଯାହାଦ୍ୱାରା ସେମାନଙ୍କର ସ୍ୱପ୍ନ ଓ ଆଶା ସଫଳ ହୋଇପାରିବ। ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା। ସମାଜ ସ୍ତରରେ ଆମକୁ ଶିଶୁ ମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ ଏବଂ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ। ସେହିପରି ଢ଼ାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ। ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ପ୍ରଧାନମନ୍ତ୍ରୀ ପୋଷଣ ୨.୦, ଜାତୀୟ ଶିକ୍ଷା ନୀତି, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ମିଶନ ବାତ୍ସଲ୍ୟ, ସମଗ୍ର ଶିକ୍ଷା ଅଭିଯାନ, ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

ଶିଶୁମାନଙ୍କର ସାର୍ବଜନୀନ ମଙ୍ଗଳକଳ୍ପେ ବା ଶିଶୁ ହିତୈଷୀ ଓଡ଼ିଶା ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ। ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା ଆବଶ୍ୟକ। ଗ୍ରାମ ପଞ୍ଚାୟତ ହେଉଛି ଶାସନ ବ୍ୟବସ୍ଥାର ତୃଣମୂଳ ଯୋଜନା। ଯେଉଁଠି ଅଙ୍ଗନବାଡ଼ି ସହିତ ବିଦ୍ୟାଳୟର ସୁଦୃଢ଼ୀକରଣ ହୋଇଥାଏ, ପିଲାମାନେ ସୁରକ୍ଷିତ ପାନୀୟ ଜଳର ସଂରକ୍ଷଣ ଓ ବ୍ୟବହାର ସହିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିରେ ନିଜକୁ ପ୍ରସ୍ତୁତ କରିଥାନ୍ତି। ଆମ ଓଡ଼ିଶାରେ ଶିଶୁମାନଙ୍କର ସାର୍ବଜନୀନ ଉନ୍ନତି ବା ମଙ୍ଗଳ ନିମିତ୍ତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତରାଜ, ଶିକ୍ଷା, ଗ୍ରାମୀଣ ଉନ୍ନୟନ, ସମାଜ କଲ୍ୟାଣ ସବୁ ବିଭାଗ ଅନେକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ବିଭାଗ ଭିତରେ ସମନ୍ୱୟ ରହିପାରିଲେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ। ସମସ୍ତଙ୍କ ଭିତରେ ପ୍ରତିଟି ଶିଶୁର ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରାଥମିକତାର ଦାୟିତ୍ୱ ନିର୍ବାହ ଭିତରେ ଏକ ବିକଶିତ ଓ ସମୃଦ୍ଧ ଶିଶୁ ଉନ୍ନତିକଳ୍ପେ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ଥମୁନି ଜ୍ଞାନେଶ ବିବାଦ

ଗୋପାଳ ମହାପାତ୍ର

ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ଭାରତୀୟ ନିର୍ବାଚନ କମିଶନ ଙ୍କ କାର୍ଯ୍ୟ ପ୍ରଣାଳି କୁ ନେଇ ଏବେ ଦେଶରେ ଅନେକ ପ୍ରଶ୍ନ ଉଠୁଛି ଓ ନିର୍ବାଚନ କମିଶନ ଙ୍କୁ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। କମିଶନଙ୍କ କାର୍ଯ୍ୟ କୁ ନେଇ ବାହାରୁ ତ ପ୍ରଶ୍ନ ଉଠୁଛି କିନ୍ତୁ ଭିତରୁ ଉଠୁଥିବା ପ୍ରଶ୍ନ ର ଉ ର ନଦେଇ ମୁଖ୍ୟ ନିର୍ବାଚନ କମିଶନର ଏବେ କାଠ ଗଡ଼ାରେ ଠିଆ ହୋଇଛନ୍ତି। ନିର୍ବାଚନ କମିଶନ ଙ୍କୁ ଭେଟିବା ପାଇଁ ସଂସଦ ରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା (ମାର୍ଚ୍ଚ) ରେ ଯାଇଥିବା ବିରୋଧି (ଇଣ୍ଡିଆ) ମେ□ର ଶତାଧିକ ସାଂସଦ ଙ୍କୁ ଭେଟିବାର ସୁଯୋଗ ନ ଦେବାରୁ ବିବାଦ ଘନେଇବା ସହ ଦିଲ୍ଲୀ–ମୁମ୍ବାଇ ସମେତ ଅନେକ ସହରରେ ପ୍ରଦର୍ଶନ ଜାରି ରହିଛି। ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଆକାଶବାଣୀ ଭବନ ପରିସର ରେ ୮ ଘ□। ଧାରଣାରେ ବସିବା, ତା ପରଦିନ ଜନ୍ତର ମନ୍ତର ଠାରେ ଧାରଣାରେ ବସିବାର ଉଦ୍ୟମ ଏବଂ ଅକ୍ଟୋବର ୧୨ ତାରିଖ ଦିନ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲୋକଙ୍କ ମାର୍ଚ୍ଚ (ଶୋଭାଯାତ୍ରା) ଭାରତୀୟ ଗଣତନ୍ତ୍ରର ଛବିକୁ ମଳିନ କରିଦେଇଛି। ଅକ୍ଟୋବର ୨ ତାରିଖରେ ମୁମ୍ବାଇ,୮ ତାରିଖରେ ବେଙ୍ଗାଲୁର ରେ ପ୍ରଦର୍ଶନ ପରେ ଅକ୍ଟୋବର ୧୦ ରେ ଦିଲ୍ଲୀରେ ପ୍ରଦର୍ଶନ ପାଇଁ ଯାଉଥିବା କକରୋଚ ଜନତା ପାର୍ଟିର ନେତା ଅଭିଜିତ ଦିପକେ, ସୌରଭଦାସ ଏବଂ ଆଶୁତୋଶ ରାଙ୍କାଙ୍କୁ ବିମାନ ମଧ୍ୟରୁ ହାଜତ କୁ ନିଆଯିବା, ଚର୍ଚ୍ଚିତ ୟୁଟ୍ୟୁବର ଧ୍ରୁବ ରାଠିଙ୍କୁ ଗୁରୁଗ୍ରାମ ସ୍ଥିତ ତାଙ୍କ ଫ୍ଲାଟ(ଘର)ରୁ ଉଠାଇ ନିଆଯିବା ଏପରିକି ପୁର୍ବତନ ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଅନେକ ସାଂସଦ ଙ୍କୁ ହାଜତ ଙ୍କୁ ନିଆଯିବା ଘଟଣା ସମ୍ବିଧାନ ସମ୍ମତ ଶାସନ ବ୍ୟବସ୍ଥା କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅକ୍ଟୋବର ୯ ତାରିଖ ରାତି ୯ଟା ପରଠାରୁ ଅନେକ ମେଟ୍ରୋ ଷ୍ଟେସନକୁ ବନ୍ଦ କରିବା ଓ ଦିଲ୍ଲୀ ଆସୁଥିବା ଅନେକ ଟ୍ରେନ କୁ ସରକାର ରଦ୍ଦ କରିବା କାରଣରୁ ମାନ୍ୟବର ସୁପ୍ରିମ୍ କୋର୍ଟ ଅଦାଲତ ଅବମାନନ୍ୟ ନୋଟିସ ଜାରି କରିଥିଲେ ମଧ୍ୟ ଦିଲ୍ଲୀ ସହର ପୋଲିସର ଛାଉଣୀରେ ପରିଣତ ହୋଇଥିଲା। ଏପରିକି ଦିଲ୍ଲୀ ପୋଲିସର ମାନସିକତାରେ ପରିବ□ନ ହୋଇନଥିଲା। ଶାନ୍ତିପୁର୍ଣ୍ଣ ଆନ୍ଦୋଳନକାରୀ , ସାମ୍ବାଦିକ ଏବଂ ଓକିଲ ମାନଙ୍କୁ ଦିଲ୍ଲୀ ପୋଲସ ହାଜତ କୁ ପଠାଇଦେଇଥିଲା। ପ୍ରାଧନ ବିଚାରପତି ଙ୍କ ନିର୍ଦ୍ଦେଶ ପରେ ଓକିଲ ମାନଙ୍କୁ ତୁରନ୍ତ ଛାଡ଼ି ଦିଆ ଯାଇଥିଲା। ସରକାର ପ୍ରଦର୍ଶନ ସ୍ଥଳର ପରିବର୍ ନ ପାଇଁ ମଧ୍ୟ ଅଧିସୂଚନା ଜାରି କରିଥିଲେ। ଆଇନ୍ ଶୃଂଖଳା ପରିସ୍ଥିତି ନାମରେ ଆନ୍ଦୋଳନକାରୀ ଙ୍କ ସହ ସରକାର ଯେ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା ଅବ୍ୟବସ୍ଥା ବଢ଼ାଇଦେଇଛି, କିନ୍ତୁ




ସନ୍ଦେହ ଏବଂ ପ୍ରଶ୍ନ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶା କୁମାର ଏଯାବତ୍ ମୌନ ରହିଛନ୍ତି। ମୌନ ରହିଲେ ପ୍ରଶ୍ନର ଉ□ର ମିଳେନାହିଁ। କ୍ରମାଗତ ଭାବେ ନିର୍ବାଚନରେ ପରାଜୟ ଲାଭ କରୁଥିବା ବିରୋଧି ତଥାକଥିତ "ଭୋଟଚୋରୀ" ପ୍ରସଙ୍ଗକୁ ନେଇ ଏବେ ଏକଜୁଟ ଏବଂ ଆକ୍ରାମକ ହେବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଜ୍ଞାନେଶ କୁମାର ଙ୍କୁ ବଂଚାଇବା ପାଇଁ ବିଜେପି ମଧ୍ୟ ଅଧିକ ଆକ୍ରାମଣ ହେଉଛି। ଏହି କାରଣରୁ ବିଜେପି ଏବଂ ଜ୍ଞାନେଶ କୁମାର ଙ୍କ ସମ୍ପର୍କ କୁ ନେଇ ସାଧାରଣ ରେ ସନ୍ଦେହ ସୃଷ୍ଟି ହେଉଛି। ସାମାଜିକ ଗଣ ମାଧ୍ୟମରେ ଦିଲ୍ଲୀ ପୋଲିସର ମାତ୍ରାଧିକ କାର୍ଯ୍ୟ ବହୁଳ ଭାବରେ ପ୍ରସାରିତ ହୋଇଛି। ଘଟଣା ସ୍ଥଳରେ ଶାସକ ଦଳ ଙ୍କ କିଛି ସମର୍ଥକ ଙ୍କ ଗୁଣ୍ଡାମୀ ମଧ୍ୟ ଜଣାପଡ଼ିଛି। ପେପର ଲିକ ମାମଲାରେ କକରୋଚ ଜନତା ପାର୍ଟିର ପ୍ରଦର୍ଶନ ବେଳେ ମଧ୍ୟ କିଛି ଅସାମାଜିକ ତତ୍ୱ ଆନ୍ଦୋଳନକାରୀ ଙ୍କ ଉପରେ ଆକ୍ରମଣ କରିଥିଲେ। ଏକଥା ସତ୍ୟ ଯେ ନିର୍ବାଚନ କମିଶନ ଏକ ସ୍ୱତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥା କିନ୍ତୁ ଏହି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ। ନିର୍ବାଚନ କମିଶନଙ୍କ ଦାୟୀତ୍ୱ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇବା। ଏହି ନିର୍ବାଚନ ପ୍ରକ୍ରିୟରେ ଗୁରୁତ୍ୱପୁର୍ଣ୍ଣ ଭାଗିଦାର ହେଉଛନ୍ତି ରାଜନୈତିକ ଦଳ। ବିରୋଧି ସାଂସଦ ଙ୍କୁ ଭେଟିବାକୁ ନିର୍ବାଚନ କମିଶନର ଙ୍କ ନିକଟରେ ସମୟ ନାହିଁ। ଏଣୁ ଏମାନଙ୍କ ଦୃଷ୍ଟିରେ ସାଧାରଣ ଭୋଟର ଙ୍କର ବା ସ୍ଥିତି କ'ଣ ଯାହାଙ୍କୁ ନିର୍ବାଚନ ସମୟରେ "ଜନତା ଜନାର୍ଦ୍ଦନ" ବୋଲି କୁହାଯାଇଥାଏ। ଗୋଟିଏ ପଟେ ସାମ୍ବିଧାନିକ ସଂସ୍ଥାକୁ ନେଇ ଅବିଶ୍ୱାସ ବଢୁଛି ଓ ଅନ୍ୟ ପକ୍ଷରେ ସଂପୃକ୍ତ ସଂସ୍ଥା କୌଣସି ପ୍ରଶ୍ନର ଉ□ର ଦେଉନାହିଁ। ରାଜନୈତିକ ଦଳଙ୍କ ପାଖରେ ଏଜେଣ୍ଡାକୁ ନେଇ ରାଜନୀତି କରିବା ଛଡ଼ା କିଛି ନାହିଁ। ଅତୀତରେ ମଧ୍ୟ ନିର୍ବାଚନ କମିଶନ ଙ୍କ କାର୍ଯ୍ୟ କୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘଦିନ ପରେ ନିର୍ବାଚନ କମିଶନ ଙ୍କୁ ବହୁ ସଦସ୍ୟ ବିଶିଷ୍ଟ କରାଯିବାର କାରଣ ହେଉଛି କୈଣସ ନିର୍ବାଚନ କମିଶନର ନିରଙ୍କୁଶ ହୋଇପରିବ ନାହିଁ କିନ୍ତୁ ଇଣ୍ଡିଆନ ଏକ୍ସପ୍ରେସ ନାମକ ଏକ ଇଂରାଜୀ ସମ୍ବାଦପତ୍ରରେ ଏକ ସମ୍ବାଦ ପ୍ରକାଶ ପାଇଥିଲା ଯେ ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ଙ୍କ ଦୁଇ କମିଶନର ସୁଖବିର ସିଂହସଂଧୁ ଏବଂ ବିବେକ ତ୍ୟାଗି ୧୦ ମାସ ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଙ୍କ କାର୍ଯ୍ୟ କୁ ନେଇ ୧୪ ଥର ପ୍ରଶ୍ନ ଉଠାଇଛନ୍ତି। ଇଣ୍ଡିଆନ ଏକ୍ସପ୍ରେସ ର ଏହି ସମ୍ବାଦ ଅନୁସାରେ ଅନ୍ୟ ଦୁଇ ନିର୍ବାଚନ କମିଶନର ଙ୍କୁ ନଜଣାଇ ଏକା ସବୁ ନିଷ୍ପ□ ନିଆଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର ପୁଣି ବିବାଦୀୟ ହୋଇ ପଡ଼ିଛନ୍ତି। ଇଣ୍ଡିଆନ ଏକ୍ସପ୍ରେସ ରେ ଖବର ପ୍ରକାଶ ପାଇବାର ୩ ଦିନ ପରେ ମୁଖ୍ୟନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନର ମିଳିତ ଭାବେ ଏକ ବିଜ୍ଞପ୍ତି ଜାରିକରିଥିଲେ ଓ କମିଶନର କାର୍ଯ୍ୟାଳୟରେ ସବୁକିଛି ଠିକ୍ ଚାଲିଛି ବୋଲି କହିଥିଲେ। ଆଶା କରାଯାଉଥିଲା ଅଭିଯୋଗ ର ଗୁରୁତ୍ୱ ଦୃଷ୍ଟିରୁ ସ୍ୱଷ୍ଟିକରଣ ଦେଇଥାନ୍ତେ ନିର୍ବାଚନ କମିଶନର କିନ୍ତୁ ପ୍ରତିଥର ଭଳି ବିଜେପି ନିର୍ବାଚନ କମିଶନର ଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥିଲେ। ମାନ୍ୟବର ସୁପ୍ରିମ୍ କୋର୍ଟ ମୁଖ୍ୟ ନିର୍ବାଚନ କମିଶନ ଙ୍କୁ ନିଲମ୍ବନ କରାଯିବା ଓ ତାଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧ ଲଗାଯିବା ପାଇଁ ଇଣ୍ଡିଆନ ଏକ୍ସପ୍ରେସ ଖବରକାଗଜର ସମ୍ବାଦ କୁ ଆଧାର ଭାବେ ଗ୍ରହଣ କରିନଥିଲେ କିନ୍ତୁ କମିଶନଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରିଥିଲେ। ଏଥିରୁ ସ୍ପଷ୍ଟ ଯେ ନିର୍ବାଚନ କମିଶନଙ୍କ କାର୍ଯ୍ୟ ନ୍ୟାୟିକ ସମୀକ୍ଷାରୁ ଉର୍ଦ୍ଧ୍ୱରେ ନୁହେଁ। ଏସ୍ଆଇଆର ରେ କୋଟି କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟିଦେବା ସହ ଫର୍ମ–୬ ମଧ୍ୟ ଆୟୋଗଙ୍କ ବିରୁଦ୍ଧରେ ଜନଅସନ୍ତୋଷର ଅନ୍ୟତମ କାରଣ ଅଟେ।

ନିର୍ବାଚନ କମିଶନ ଏବଂ ବିଜେପି ଫର୍ମ–୬ରେ ଘୋଷଣାପତ୍ର ଯୋଡ଼ିବା ପାଇଁ ସୁପ୍ରିମ୍ କୋର୍ଟ ଙ୍କ ମଞ୍ଜୁରୀ ମିଳିଛି ବୋଲି କହୁଥିବା ବେଳେ ସୁପ୍ରିମ୍ କୋର୍ଟ ଫର୍ମ–୬ ରେ କୌଣସି ସଂଶୋଧନ ପାଇଁ ମଞ୍ଜୁରୀ ଦେଇ ନାହାନ୍ତି ବୋଲି ଅକ୍ଟୋବର ୧୨ ତାରିଖରେ କହିଦେଇଛନ୍ତି। ଅକ୍ଟୋବର ୧୨ ରେ ରାହୁଲ ଗାନ୍ଧୀଙ୍କ ସମେତ ୧୧ ବିରୋଧି ନେତା ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ଜ୍ଞାନେଶ କୁମାର ଙ୍କ ବିରୁଦ୍ଧରେ ମାମଲା ଦାଏର କରିଛନ୍ତି। ଆଇନଗତ ଲଢ଼େଇ ଅଧିକ ଲମ୍ବିତ ହୋଇପାରେ। କିନ୍ତୁ ବିରୋଧିଦଳ ଙ୍କ ଲଢ଼େଇ ମଧ୍ୟ ବନ୍ଦ ହେବନାହିଁ ବୋଲି ବିରୋଧିଦଳ ମାନେ କହିଛନ୍ତି। ସୁପ୍ରିମ୍ କୋର୍ଟରେ ମାମଲାର ଶୁଣାଣୀ ବେଳେ ଯଦି ନିର୍ବାଚନ କମିଶନଙ୍କ ଦୋଷ ଜଣାପଡ଼େ ତେବେ ସରକାରଙ୍କୁ ନିନ୍ଦିତ ହେବାକୁ ପଡ଼ିବ। ବିରୋଧି ମଧ୍ୟ ଏହା ହିଁ ଚାହୁଁଛନ୍ତି।

ରାମଚନ୍ଦ୍ରପୁର ,ରଣପୁର
ମୋ–୯୪୩୮୪୮୫୦୯୪

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ୧୯ ଦିନରେ ପହଞ୍ଚିଲା ଦେଓଗାଁବାସୀଙ୍କ ଧାରଣା : ବାଚସ୍ପତିଙ୍କ କାର୍କେଡ ଆଗରେ ଶୋଇଲେ ଧାରଣାକାରୀ



ଓଡ଼ଗାଁ, (ମହାଭାରତ): ରାସ୍ତା ନିର୍ମାଣ ଦାବିରେ ଦେଓଗାଁ ବାସୀଙ୍କ ଅହୋରାତ୍ର ଗଣଧାରଣା ଆଜି ୧୯ ଦିନରେ ପହଞ୍ଚିଛି ।ଆଜି ଧାରଣାସ୍ଥଳ ରାସ୍ତାଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯାଉଥିବା ବେଳେ ଧାରଣାକାରୀ ବାଚସ୍ପତିଙ୍କ କାର୍କେଡ ଆଗରେ ଶୋଇ ରହିଥିଲେ। ବାଚସ୍ପତିଙ୍କୁ ଗୁହାରିପରେ ବି ବାଚସ୍ପତି ଧାରଣାକାରୀଙ୍କ ସହିତ ଆଲୋଚନା ନକରି ଚାଲିଯାଇଥିବାବେଳେ, ଘଟଣାସ୍ଥଳରେ ନୟାଗଡ଼ ଟାଉନଥାନା ଅଧିକାରୀ ପହଞ୍ଚି ଲୋକଙ୍କୁ ଜୋରଜବରଦସ୍ତ ଉଠାଇ ଦେଇଥିଲେ। ଏବଂ ଧାରଣାକାରୀଙ୍କୁ ଗିରଫ କରିବା ପାଇଁ ଖୋଲାଖୋଲି ଧମକ୍ ଦେଇଥିଲେ।ତେବେ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ସାମାନ୍ୟ ରାସ୍ତାସଂଯୋଗ ଦାବିରେ ଆଜକୁ ୧୯ ଦିନଧରି ଦେଓଗାଁ ଗ୍ରାମବାସୀ ଖରା,ବର୍ଷା,ଶୀତ ଏବଂ ମଶା,ମାଛିକୁ ଖାତିର ନକରି ନୟାଗଡ଼ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେଇ ଆସୁଛନ୍ତି ।ତେବେ ବିଧାୟକଙ୍କ ଠାରୁ ବାଚସ୍ପତିଙ୍କ ପର୍ଯ୍ୟନ୍ତ,ଏବଂ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ରାସ୍ତାପାଇଁ ଗୁହାରି କରିଥିଲେ ସୁଦ୍ଧା କୌଣସି ନେତା,ପ୍ରଶାସନ କର୍ଣ୍ଣପାତ ନକରିବା ବୁଦ୍ଧିଜୀବୀ ମହଲରେ ନିନ୍ଦାର ବିଷୟ ପାଲଟିଛି ।ତେବେ ଆସନ୍ତା ୨୬ରିଖ ସୋମବାର ଠାରୁ ଦେଓଗାଁର ୩ଜଣ ରାସ୍ତା କାର୍ଯ୍ୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖର ଅହୋରାତ୍ର ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ମା’ଙ୍କ ଭାଷାଣୀ ଉତ୍ସବ ବଡ଼ ଧୂମଧାମରେ ପାଳନ



ପାରାଦୀପ, (ମହାଭାରତ): ପାରାଦୀପର ବିଭିନ୍ନ ସ୍ଥାନରେ ମା ଙ୍କ ଭାଷାଣୀ ଉତ୍ସଭ ବଡ଼ ଧୂମଧାମ ରେ ପାଳନ କରାଯାଇଛି । ଏହି ଅବସରରେ ମା’ ଦୁର୍ଗାଙ୍କ ଭସାଣି ଉତ୍ସବକୁ ନେଇ ପାରାଦୀପ ଚଳଚଂଚଳ ହୋଇ ଉଠିଛି। ମା’ଙ୍କୁ ଭକ୍ତିଭାବର ସହ ମେଲାଣି ଦେଇଛନ୍ତି ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ। ପାରାଦ୍ୱୀପ ର ସର୍ବ ପୁରାତନ ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ମଧ ଆଡ଼ମ୍ବରପୂର୍ଣ୍ଣ ଭାବେ ଭସାଣି ଉତ୍ସବକୁ ବଡ ଧୂମଧାମ ରେ ପାଳନ କରାଯାଇଛି ।ଦୀର୍ଘ ୬୪ ବର୍ଷ ଧରି ମା’ ଦୁର୍ଗାଙ୍କ ପୂଜା କରି ଆସୁଥିବା ପାରାଦ୍ୱୀପ ର ଏହି ସର୍ବ ପୁରାତନ ବଣିକ ସଂଘ ପକ୍ଷରୁ ଚଳିତ ବର୍ଷ ମଧ ଧୁମ୍‌ଧାମରେ ମା’ଙ୍କୁ ବିଦାୟ ଦିଆଯାଇଛି ।ପାରାଦୀପରେ ମା’ ଦୁର୍ଗାଙ୍କ ଭସାଣି ଉତ୍ସବକୁ ନେଇ ଭକ୍ତଙ୍କ ମଧରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖା ଦେଇଥିବା ବେଳେ ପାରାଦୀପ ପୋର୍ଟ ବଣିକ ସଂଘ ତରଫରୁ ମା’ଙ୍କୁ ଭବ୍ୟ ବିଦାୟ ଦିଆଯାଇଛି ।ପାରାଦ୍ୱୀପ ପୋର୍ଟ ବଣିକ ସଂଘ ପକ୍ଷରୁ ଚଳିତ ବର୍ଷ ଭସାଣି ଉତ୍ସବକୁ ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଛି ।ମା’ଙ୍କୁ ମେଲାଣି ଦେବା ପାଇଁ ସଂଘର ସମସ୍ତ ବ୍ୟବସାୟୀ ଭାଇମାନେ ନିଜ ନିଜର ବ୍ୟବସାୟ ବନ୍ଦ ରଖି ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମା’ଙ୍କୁ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିବା ବେଳେ ପ୍ରଶାସନର ନିୟମାନୁଯାୟୀ ବିନା ଡିଜେ ସାଉଣ୍ଡରେ ପାରମ୍ପରିକ ନୃତ୍ୟ,ବାଜା,ସହିତ ପୁରୀ ର ଗୋଟି ନୃତ୍ୟ, ନାଟଜାତ,ପାରିଜାତ ସହିତ କଲିକତା ର ଅଘୋରୀ ନୃତ୍ୟ ର ତାଳେ ତାଳେ ମା’ଙ୍କ ଭସାଣି ଶୋଭାଯାତ୍ରା ଧୂମଧାମ ରେ ପାଳନ କରାଯାଇଛି ।ମା ଙ୍କ ଏହି ଭାଷାଣୀ ଶୋଭାଯାତ୍ରା ସହର ପରିକ୍ରମା କରି ଶେଷରେ ପାରାଦ୍ୱୀପ ହନୁମାନ ମନ୍ଦିର ନିକଟସ୍ଥ ସମୁଦ୍ରକୂଳରେ ଥିବା ଅସ୍ଥାୟୀ ପୋଖରୀରେ ମା’ଙ୍କ ପ୍ରତିମାକୁ ଶାନ୍ତିଶୃଙ୍ଖଳାର ସହ ବିସର୍ଜନ କରାଯାଇଥିବା ବେଳେ ଏହି ଭସାଣି ଉତ୍ସବରେ ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଓ ବ୍ୟବସାୟୀମାନେ ଉପସ୍ଥିତ ରହି ନିଜର ଭାଇଚାରା ବଜାଇ ଉତ୍ସବରେ ସହଯୋଗ କରିଛନ୍ତି ବୋଲି ସଙ୍ଘ ର କର୍ମକର୍ତ୍ତା ମାନେ କହିଛନ୍ତି ।ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ସହଯୋଗରେ ନିର୍ଦ୍ଧାରିତ ସମୟରେ ମା’ଙ୍କ ବିସର୍ଜନ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା।

## ଧରା ପୃଷ୍ଠରୁ ମେଲାଣି ନେଉଛନ୍ତି ଜଗତ ଜନନୀ ମାଆ ଦୁର୍ଗା

ଗଜପତି, (ମହାଭାରତ): ଶେଷ ହୋଇଛି ଶାରଦୀୟ ଦୁର୍ଗାପୂଜା। ଆଜି ଧରା ପୃଷ୍ଠରୁ ବିଦାୟ ନେଉଛନ୍ତି ଜଗତ ଜନନୀ ମାଆ ଦୁର୍ଗା ପାରଳାଖେମୁଣ୍ଡି ସହରର ବିଭିନ୍ନ ସାହି ଛକ ଓ କାର୍ଯ୍ୟାଳୟରେ ହେଉଥିବା ଦୁର୍ଗା ପୂଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ଭଷାଣି ଉତ୍ସବ ଚାଲିଛି। ବାଦ୍ୟ ବାଜଣା ସହ ବାଣ ଫୁଟାଇ ଖୁସିର ସହିତ ସହର ପରିକ୍ରମା କରି ମାଆଙ୍କୁ ମେଲାଣି ଦେଉଛନ୍ତି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସକାଶେ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ଇଣ୍ଡିଆନ୍‌ଅଏଲ୍ ପାରଦୀପ ତୈଳ ବିଶୋଧନାଗାରରେ ମଧ୍ୟରାତ୍ର ଲେବୁଲ-୨ ଅନ୍ ସାଇଟ୍ ଜରୁରୀକାଳୀନ ଅଭ୍ୟାସ କୌଶଳ






ପାରାଦୀପ, (ମହାଭାରତ): ଇଣ୍ଡିଆନ୍‌ଅଏଲ୍ ପାରାଦୀପ ତୈଳ ବିଶୋଧନାଗାରରେ ଅକ୍ଟୋବର ୨୨ ତାରିଖ ଗୁରୁବାର ମଧ୍ୟରାତ୍ରରେ ଏକ ଲେବୁଲ-୨ ଅନ୍ ସାଇଟ୍ ବିପର୍ଯ୍ୟୟ କାଳୀନ ଅଭ୍ୟାସ କୌଶଳ ଆୟୋଜିତ ହୋଇଯାଇଛି । ଯେଉଁଥିରେ ବିଶୋଧନାଗାର ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା। ପାରାଦୀପ ବିଶୋଧନାଗାର ର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ୍ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ଯ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏହି ଅଭ୍ୟାସ କୌଶଳରେ ପାରାଦୀପ ରିଫାଇନରୀର ଡିସିୟୁ ଫ୍ରାକ୍ସନେଟର ରିଫ୍ଲକ୍ସ ପମ୍ପରୁ ସିଲ୍ ଲିକ୍ ହୋଇ ଯଦି ନିଆଁ ଲାଗେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

## ଇଣ୍ଡିଆ କେମ୍ ୨୦୨୬ : ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ ଶିଳ୍ପର ଅଗ୍ରଗତି



ପାରାଦୀପ, (ମହାଭାରତ): ଇଣ୍ଡିଆ କେମ୍ ୨୦୨୬ ର ଉଦଘାଟନୀ ଅଧିବେଶନରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ତଥା ରାସାୟନିକ ଏବଂ ସାର ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ସମ୍ବୋଧନ କରି ୨୦୪୦ ସୁଦ୍ଧା ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ ଶିଳ୍ପକୁ ୧ ଟ୍ରିଲିୟନ ଆମେରିକୀୟ ଡଲାରରେ ପରିଣତ କରିବାର ଦୂରଦୃଷ୍ଟି ପ୍ରକାଶ କରିଛନ୍ତି। ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ସେ କାର୍ଯ୍ୟକାରୀ ନୀତି, ପୁଞ୍ଜିନିବେଶ ବୃଦ୍ଧି, ଶିଳ୍ପ ସହଯୋଗ, ଆଧୁନିକ ମୌଳିକ କଞ୍ଚାମାଲ ଏବଂ ନବସୃଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଉଦଘାଟନୀ ଅଧିବେଶନରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡ଼ନବୀସ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପଦକ୍ଷେପ ଭାରତର ଶିଳ୍ପ ମୌଳିକ କଞ୍ଚାମାଲକୁ ଦୃଢ଼ କରିବା, ସ୍ଥାୟୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ପୁଞ୍ଜିନିବେଶ, ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଉଛି ।ସେହିପରି ପାରାଦୀପ ବନ୍ଦର ପ୍ରାଧିକରଣ ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବନ୍ଦର-ନିର୍ଦ୍ଦେଶିତ ଲଜିଷ୍ଟିକ୍ସ ଏବଂ ବାଣିଜ୍ୟ ସଂଯୋଗକୁ ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ଦୁର୍ଗାପୂଜାରେ ଦୁଲକିଲା ମଞ୍ଚ, ’ ମୁଁ ସେଇ ବାଲିପାଟଣା ଟୋକା ’ ମଞ୍ଚସ୍ଥ



ବାଲିପାଟଣା, (ମହାଭାରତ): ଦଶହରାରେ ବାଲିପାଟଣା ଓ ବନମାଳୀପୁରରେ ଦୁର୍ଗା ପୂଜା ଏବଂ ହର ପାର୍ବତୀ ପୂଜା ଓ ଭସାଣି ସମାପନ ହୋଇଛି । ବାଲିପାଟଣା ମହାବୀର ସାଂସ୍କୃତିକ ପରିଷଦ ଏବଂ ବାଲିକୁଦା ହର ପାର୍ବତୀ ସାଂସ୍କୃତିକ ପରିଷଦ ଓ ସିଦ୍‌ଧେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟ ରେ ସାଂସ୍କୃତିକ ପରିଷଦ ତରଫରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାମଜିକ ନାଟକ ମଞ୍ଚସ୍ତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବଛା ବଛା କଳାକାର ନାଟକ ରେ ନିଖୁଣ ଅଭିନୟରେ କରିଥିଲେ । ବାଲିପାଟଣା ସାର୍ବଜନୀନ ଦୁର୍ଗା ପୂଜା କମିଟି ଓ ଶ୍ରୀ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଏବଂ ମହାବୀର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନବମୀ ରାତିରେ ‘ କହିବାକୁ ଲାଜ ଶୁଣିଲେ ପାପ ‘ ଏବଂ ଦଶହରା ରେ ‘ ମୁଁ ସେଇ ବାଲିପାଟଣା ଟୋକା ‘ ନାଟକ ମଞ୍ଚସ୍ତ ହୋଇଥିଲା । ନିର୍ଦ୍ଦେଶକ ଭଗବାନ ପଣ୍ଡା , ସହ ନିର୍ଦ୍ଦେଶକ ସୁରେଶ ମହାରଣା ଓ ଦୀପକ ପ୍ରଧାନ ନାଟକ ନିର୍ଦ୍ଦେଶନା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ସୁରେଶ କୁମାର ପଣ୍ଡା ଏବଂ ବିଧାୟକ ନବ କିଶୋର ମଲ୍ଲିକ ଓ କମଳା କାନ୍ତ ବେହେରା ଯୋଗଦେଇଥିଲେ। ସନ୍ନମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ବଂଶୀ ବାଦକ ଗୁରୁ ରାଜକିଶୋର ଦଳ ବେହେରା , ନାରାୟଣ ବେହେରା , ଜିଲ୍ଲା ପରିଷଦ ଗଙ୍ଗାଧର ମଲ୍ଲିକ ଓ ପବିତ୍ର ମୋହନ ପଟେଲ , ବ୍ଲକ କଂଗ୍ରେସ ସଭାପତି ଶୈଳନ୍ଦୁ ଦାଶ , ମିନକେତନ ହୋତା , ପ୍ରମୁଖ ଯୋଗ ଦେଇଥିଲେ। ମହାବୀର ସାଂସ୍କୃତିକ ପରିଷଦ ସଭାପତି ଖିରୋଦ କୁମାର ଜେନା , ବୁଦ୍ଧନାଥ ନାୟକ , ରଞ୍ଜନ ପ୍ରଧାନ , ଅକ୍ଷୟ କୁମାର ସାହୁ , ଜୟନ୍ତ କୁମାର ଓଝା , ଉମେଶ ରଥ , ଅଜୟ କୁମାର ହୋତା , ବସନ୍ତ କୁମାର ଦାଶ , ଆଲୋକ ଆଚାର୍ଯ୍ୟ ,ପୁର୍ଣ ଚନ୍ଦ୍ର ମାହୁନ୍ତ , ସନ୍ତୋଷ ଭୋଳ , ସୂର୍ଯ୍ୟକାନ୍ତ ମୁଖୀ , ବିଜୟ ପ୍ରଧାନ , ରତିକାନ୍ତ ପ୍ରଧାନ , ବାହାନ ଭୋଇ , କୃଷ୍ଣ ଚନ୍ଦ୍ର ତ୍ରିପାଠୀ , ଅମିତ ଜେନା , ପରୀକ୍ଷିତ ବେହେରା , ଜଗନ୍ନାଥ ବେହେରା , ରତିକାନ୍ତ ପ୍ରଧାନ , ସବିତା ରାଉତରାୟ, ଚିନ୍ତାମଣି କାସ୍ତ , ବଳରାମ ସାହୁ , ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଅଭିନୟ ରେ ଅଂଶ ଗ୍ରହଣ କରିଥିଲେ। ସେହିପରି ସିଦ୍‌ଧେଶ୍ୱର ଡ୍ରାମାଟିକ ଆନୁକୂଲ୍ୟରେ ନିରଞ୍ଜନ ଜେନାଙ୍କ ନିର୍ଦ୍ଦେଶନା ରେ ’ କିଏ ଭାଙ୍ଗିଦେବ ସୁନା ସଂସାର ’ ଓ ’ ସେଇ ଗୋଟିଏ ଭୁଲ ପାଇଁ ’ ନାଟକ ମଞ୍ଚସ୍ତ ହୋଇଥିଲା।

## ଅଣ ଆବାସିକ ତାଲିମ ଶିବିର କାର୍ଯ୍ୟକ୍ରମ




ଗଜପତି, (ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ଗୋଶାଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା କୃଷି ବିଭାଗର କନଫେରାନ୍ସ ହଲ ଠାରେ ଅଣ ଆବାସିକ ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ରବୀନ୍ଦ୍ର କୁମାର ଆଡ଼େକ , ସ୍କିମ ଅଫିସର ସୁରଜ ପାତ୍ର, ସହକାରୀ କୃଷି ଅଧିକାରୀ ପ୍ରମୁଖ ମଞ୍ଚ ।ସିନ ଥିଲେ। ଏହି କାର୍ଯ୍ୟକ୍ରମ ରେ ଗୋଶାଣୀ ବ୍ଲକର ବିଭିନ୍ନ ପଞ୍ଚାୟତର କୃଷକ ସାଥି ମାନେ ତାଲିମ ନେଇଥିଲେ ।ଆଗାମୀ ରବି ଋତୁ ରେ କିପରି ଧାନ ପରିବର୍ତ୍ତେ ଡାଲି ଜାତୀୟ,ତୈଳ ଜାତୀୟ ଚାଷ କରିବେ କିପରି ଚାଷ କଲେ ଅଧିକ ଅମଳ ହେବ,ଚାଷୀ ଅଧିକ ଉପାର୍ଜନ କରିପାରିବେ ଓ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି ହେବ ତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ଥିଲା ତା ସହ କୃଷକ ସାଥି ମାନେ ଚାଷୀଙ୍କ ନିକଟକୁ ଯାଇ ଏହି ବିଷୟରେ ବୁଝାଇବେ ଓ ଚାଷୀଙ୍କୁ ସଚେତନତା କରିପାରିବେ ତା ଉପରେ ତାଲିମ ପ୍ରଦାନ କରାଯାଇଥିଲା ।କୃଷି ବିଭାଗର କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗଜପତି ପୋଲିସ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଅଭିଯାନ

ଗଜପତି, (ମହାଭାରତ): ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ଅଗ୍ରାଧିକାର ଭିତ୍ତିକ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ଅଭିଯାନ କ୍ରମରେ ଆଜି ତା.୨୨.୧୦.୨୦୨୬ ରିଖରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଜଣେ ୱାରେଣ୍ଟଭୁକ୍ତ ଅଭିଯୁକ୍ତ ବିଗବସ୍ ଲିମା (୨୭), ପିତା ବାଲାରାଜୁ ଲିମା, ସାକିନ ସଞ୍ଜୟ ଗାନ୍ଧୀ କଲୋନୀ, ପାରଳାଖେମୁଣ୍ଡି, ଜିଲ୍ଲା ଗଜପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନା କେସ୍ ନଂ ୩୬୩, ତା.୧୨.୧୧.୨୦୨୩, ଦଫା ୨୯୪/୩୦୭/୩୨୩/୩୪୧/୩୪୨/୩୬୪/୩୭୯/୫୦୬/୩୪ ଓଚଉ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ୫.ଞ. କେସ୍ ନଂ ୪୨/୨୦୨୪ରେ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍ (ସ୍ୱତନ୍ତ୍ର ଅଦାଲତ), ପାରଳାଖେମୁଣ୍ଡିଙ୍କ ଦ୍ୱାରା ତା.୦୧.୧୦.୨୦୨୬ ରିଖରେ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ପରୱାନାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରି ପୋଲିସ ଅଭିଯୁକ୍ତଙ୍କୁ ଠାବ କରି ଗିରଫ କରିବା ସହ ମାନ୍ୟବର ଅଦାଲତକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ତିନୋଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଗଜପତି ପୋଲିସ ପକ୍ଷରୁ ଫେରାର ଓ ୱାରେଣ୍ଟଭୁକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଏବଂ ବିଚାରାଧୀନ ମାମଲାଗୁଡ଼ିକରେ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଏହିପରି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ।

## ଜୁନାଗଡ଼ରେ ‘କଳିଙ୍ଗ ଦର୍ପଣ’ ଖବରକାଗଜର ଭବ୍ୟ ଲୋକାର୍ପଣ



ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ଠାରେ ନୂତନ ଖବରକାଗଜ ‘କଳିଙ୍ଗ ଦର୍ପଣ’ର ଭବ୍ୟ ଲୋକାର୍ପଣ ସମାରୋହ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ନିରପେକ୍ଷ ସାମ୍ବାଦିକତା, ଜନସ୍ୱାର୍ଥର ସୁରକ୍ଷା ଓ ସୁସ୍ଥ ସମାଜ ଗଠନର ସଂକଳ୍ପ ନେଇ ଏହି ଖବରକାଗଜ ନିଜର ଯାତ୍ରା ଆରମ୍ଭ କରିଛି । ଏହି ଅବସରରେ ସକାଳ ୧୦ଟାରେ ଜୁନାଗଡ଼ର ଇଷ୍ଟଦେବୀ ମା’ ଲଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ମୁଖ୍ୟ ସମାରୋହ ଆରମ୍ଭ ହୋଇଥିଲା। ଏହାପରେ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା। ଆୟୋଜକ କମିଟି ପକ୍ଷରୁ ସ୍ୱାଗତ ଭାଷଣ ଦିଆଯାଇ ଖବରକାଗଜକୁ ସମାଜର ହୃଦସ୍ପନ୍ଦନ ଭାବେ ଅଭିହିତ କରାଯାଇଥିଲା। କଳାହାଣ୍ଡି ତଥା ଜୁନାଗଡ଼ ଅଞ୍ଚଳର ଲୁକ୍କାୟିତ ପ୍ରତିଭା, ସମୃଦ୍ଧ ସଂସ୍କୃତି, ବିକାଶର ସମ୍ଭାବନା ଏବଂ ଅଦେଖା ଓ ଅଶୁଣା ଜନସମସ୍ୟାକୁ ରାଜ୍ୟ ତଥା ଜାତୀୟ ସ୍ତରରେ ପହଞ୍ଚାଇବା ‘କଳିଙ୍ଗ ଦର୍ପଣ’ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ପ୍ରକାଶ କରାଯାଇଥିଲା। ସୁଶାନ୍ତ କୁମାର ଠାକୁରଙ୍କ ସଭାପତିତ୍ୱ ଓ ନରେନ୍ଦ୍ର ଖିତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମାରୋହରେ ଜୁନାଗଡ଼ ବ୍ଲକ୍ ଅଧକ୍ଷା ସବିତା ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବ୍ଲକ୍ ଶିକ୍ଷାଧିକାରୀ ତପନ ମାଝୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ସିଂ ଦେଓ ଓ ଓଟିଏନ୍ ଟିଭିର ସମ୍ପାଦିକା ସଂଯୁକ୍ତା ଦାସ ଉପସ୍ଥିତ ଥିଲେ। ଖବରକାଗଜର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ସତ୍ୟ ରଞ୍ଜନ ଦାସ ନିଜର ଆଭିମୁଖ୍ୟ ଉପସ୍ଥାପନ କରିବା ପରେ ଅତିଥିମାନଙ୍କ କରକମଳରେ ଖବରକାଗଜର ପ୍ରଥମ ସଂସ୍କରଣ ଲୋକାର୍ପିତ ହୋଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନିଆଳୀରେ କ୍ରମାଗତ ବିଦ୍ୟୁତ୍ କାଟ ଏବଂ ଠିକା କର୍ମଚାରୀଙ୍କୁ ଛଟେଇ ପ୍ରସଙ୍ଗରେ ବଢୁଛି ଜନ ଅସନ୍ତୋଷ




ନିଆଳୀ ( ମହାଭାରତ ) ନିଆଳୀରେ କ୍ରମାଗତ ଭାବେ ବିଦ୍ୟୁତ୍ କାଟ ଏବଂ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଛଟେଇ ଅଭିଯୋଗରେ ନିଆଳୀ ତହସିଲ ସାମ୍ନାରେ ବିକ୍ଷୋଭ ଓ ପ୍ରତିବାଦ । ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ଓ ଠିକା କର୍ମଚାରୀ ମିଳିତ ମଞ୍ଚର ନିଆଳୀ ବ୍ଲକ ଆବାହକ ନ୍ୟାୟବ୍ରତ ରାଉତଙ୍କ ନେତୃତ୍ୱରେ ଜଗନ୍ନାଥଙ୍କ ମାମୁଘର ମାଧବାନନ୍ଦଙ୍କ ମନ୍ଦିର ଠାରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ବାହାରି ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ନିଆଳୀ ଅଞ୍ଚଳର ବହୁ ସମାଜସେବୀ ବୁଦ୍ଧିଜୀବୀଙ୍କ ସମେତ ନିଆଳୀ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଯୋଗଦେଇଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ ଆନ୍ଦୋଳନକାରୀ ମାନେ ବିଦ୍ୟୁତ୍ ବିଭ୍ରାଟର ସ୍ଥାୟୀ ସମାଧାନ ଏବଂ ଠିକା କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଦାବି ଉଠାଇଥିଲେ । ଟାଟା ପାୱାର ବିଦ୍ୟୁତ୍ ସେବାରେ ସୁଧାର ଆଣିବା ସହ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାକୁ ଦାବି କରାଯାଇଥିଲା । ପରେ ଆନ୍ଦୋଳନକାରୀ ମାନେ ନିଆଳି ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# କାଣୀ ନଦୀ ମୁହଁ ବନ୍ଦକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଧାମନଗର ବାସୀ

ଧାମନଗର :(ମହାଭାରତ) ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନକୁ ନେଇ ଦେଖାଦେଇଛି ଗଭୀର ଚିନ୍ତା। ବୈତରଣୀ ନଦୀର ଶାଖା କାଣୀ ନଦୀର ମୁହଁକୁ ଯାଜପୁର ଜିଲ୍ଲା ପାର୍ଶ୍ୱରେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଅଭିଯୋଗ ଆଣି ଏହାର ତୁରନ୍ତ ପ୍ରତିକାର ଦାବି କରିଛନ୍ତି ଧାମନଗର ଅଞ୍ଚଳର ସ୍ଥାନୀୟ ନେତୃମଣ୍ଡଳୀ ଓ ବୁଦ୍ଧିଜୀବୀ। ଏନେଇ ଭଦ୍ରକ ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ ଏବଂ ଯୁବନେତା ଆଶିଷ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧିମଣ୍ଡଳୀଙ୍କ ଅଭିଯୋଗ ଅନୁଯାୟୀ, ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ଓ ଅର୍ଜ୍ଜୁନପୁର ଗ୍ରାମ ପଞ୍ଚାୟତର ଲୋକମାନେ ପ୍ରତିବର୍ଷ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିକଟରେ ହୋଇଥିବା ବନ୍ୟା ସମୟରେ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧ ଏବଂ କୋଚିଲା ନଦୀର ଡାହାଣ ଓ ବାମପାର୍ଶ୍ୱ ବନ୍ଧର ବିଭିନ୍ନ ସ୍ଥାନରେ ପାଣି ଉପରେ ଚାଲୁଥିବା ଦେଖାଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ବନ୍ୟା ଆଶଙ୍କା ତୀବ୍ର ହୋଇଥିଲା। ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ବାଲିବସ୍ତା ପକାଇ ବନ୍ଧ ଉପରେ ପ୍ରବାହିତ ଜଳକୁ ଅଟକାଇବାକୁ ପଡ଼ିଥିଲା। ଅନ୍ୟପକ୍ଷରେ, ବୈତରଣୀ ଓ କୋଚିଲା ନଦୀର ସଙ୍ଗମସ୍ଥଳଠାରୁ ପ୍ରାୟ ତିନି କିଲୋମିଟର ପର୍ଯ୍ୟନ୍ତ ବନ୍ଧ ଅସୁରକ୍ଷିତ ଓ ମୁକୁଳା ଅବସ୍ଥାରେ ରହିଥିବା ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଛନ୍ତି। ତଳପଟୁ ଜଳ ପ୍ରବେଶ କରିବା ଯୋଗୁଁ ସ୍ଥାନୀୟ ଲୋକମାନେ ବିଭିନ୍ନ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ କାଣୀ ନଦୀର ମୁହଁକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଅଞ୍ଚଳବାସୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ପ୍ରତିନିଧିମଣ୍ଡଳୀଙ୍କ କହିବା




ଅନୁଯାୟୀ, ଯାଜପୁର ଜିଲ୍ଲା ପାର୍ଶ୍ୱରେ କାଣୀ ନଦୀର ମୁହଁକୁ ବନ୍ଦ କରାଯିବା ଫଳରେ ଧାମନଗର ବ୍ଲକର ଅନେକ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ହସନାବାଦ ଓ ଅର୍ଜ୍ଜୁନପୁର ପଞ୍ଚାୟତ ସମେତ ଧୂଷୁରୀ, ବେତାଳିଗାଁ, ପାଳସାହି, କୋଠାର, ବମକୁରା ଓ କାଶିମପୁର ଆଦି ଅଞ୍ଚଳର ଲୋକମାନେ ଏହାଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇପାରନ୍ତି। ନଦୀର ମୁହଁ ବନ୍ଦ ରହିଲେ ବର୍ଷା ଓ ବନ୍ୟା ସମୟରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି ଯେ, ଘଟଣାସ୍ଥଳରେ ସରଜମିନ୍ ତଦନ୍ତ କରାଯାଉ। କାଣୀ ନଦୀର ମୁହଁ ବନ୍ଦ କରାଯିବା ଘଟଣାର ତଦନ୍ତ କରି ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଦୋଷ ପ୍ରମାଣିତ ହେଲେ ତାଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ। ଏଥିସହ ବନ୍ଦ କରାଯାଇଥିବା ନଦୀମୁହାଣ ଓ ପଥର ବନ୍ଧକୁ ଆବଶ୍ୟକ ଅନୁଯାୟୀ ଖୋଲିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ। ପ୍ରଶାସନ ଏହି ଦାବି ପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେଲେ ଧାମନଗର ବ୍ଲକର ବହୁ ପଞ୍ଚାୟତବାସୀ ସମ୍ଭାବ୍ୟ ଜଳବନ୍ଦୀ ଓ ବନ୍ୟା ବିପଦରୁ ଆଶ୍ୱସ୍ତି ପାଇପାରିବେ ବୋଲି ପ୍ରତିନିଧିମଣ୍ଡଳୀ ଆଶା ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କୁ ଭେଟିଥିବା ଏହି ପ୍ରତିନିଧିମଣ୍ଡଳୀରେ ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବସନ୍ତିଆ, ଦିଗମ୍ବର ମଲ୍ଲିକ୍, ରଞ୍ଜନ ଭୂୟାଁ, ପୂର୍ବତନ ସରପଞ୍ଚ ପ୍ରଦୀପ ମାଝୀ, କମଳାକାନ୍ତ ପୁହାଣ, ଯୁବ ସମାଜସେବୀ ନିଶିକାନ୍ତ ନାୟକ, କମଳାକାନ୍ତ କୁଅଁର, ବାଦଲ ବିଶ୍ୱାଳ, ରବୀନ୍ଦ୍ର କୁଅଁର ଓ ରତିକାନ୍ତ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାରତୀୟ କିସାନ ସଂଗଠନ ପକ୍ଷରୁ ଚାଷୀ ସୁରକ୍ଷା ଅଭିଯାନ ସମ୍ମିଳନୀ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ପଞ୍ଚାୟତ ସ୍ଥିତ ଶ୍ରମିକ ଭବନ ଠାରେ ଶୁକ୍ରବାର ଦିନ ଭାରତୀୟ କିସାନ ସଂଗଠନ ପକ୍ଷରୁ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା, ଅଧିକାର ଏବଂ ସମସ୍ୟାର ସମାଧାନ ଦାବି ନେଇ ଜିଲ୍ଲା ସ୍ତରୀୟ 'ଚାଷୀ ସୁରକ୍ଷା ଅଭିଯାନ' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଉଦିତ ତ୍ରିପାଠୀଙ୍କ ଆବାହନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନାଦି ଚରଣ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜାତୀୟ କୃଷକ ସଂଗଠନ ସଭାପତି ବ୍ରଜ କିଶୋର ତ୍ରିପାଠୀ ଯୋଗଦେଇ ଚାଷୀ ମାନଙ୍କ ସୁରକ୍ଷା, ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ଆନ୍ଦୋଳନ ହୋଇ ଆସୁଛି। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ସୁରକ୍ଷା, ଅଧିକାର ଓ ସମ୍ମାନକୁ ଛଡ଼ାଇ ନେଇଛି। ଚାଷୀଙ୍କ ଫସଲ ବହୁତ୍ କମ୍ ଅର୍ଥରେ ବିକ୍ରି ହେଉଛି, ସର୍ବନିମ୍ନ ବିକ୍ରୟ ଦର୍ ଆଇନଗତ ଧାର୍ଯ୍ୟ କରନ୍ତୁ ସରକାର। କୋରନା ସମୟରେ ସରକାରଙ୍କୁ ଚାଷୀ ୪ % ପ୍ରଦାନ କରିଥିଲେ। ଚାଷୀ ମାନେ ସମସ୍ୟା ଘେରରେ ରହି ଶହ ଶହ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଆମ ରାଜ୍ୟର ଉତ୍ପାଦିତ ଚାଷ ଦ୍ରବ୍ୟ ଅନ୍ୟ ରାଜ୍ୟ କ୍ରୟ କରି ପୁଣି ଆମ ରାଜ୍ୟରେ ବିକ୍ରି କରୁଛନ୍ତି। ଜଳ ସେଚନ ନ ଥିବାରୁ ଚାଷ କାର୍ଯ୍ୟ ବନ୍ଦ ହୋଇ ଯାଉଛି ବୋଲି ଆଲୋକପାତ କରିଥିଲେ। ଏଥିରେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ସଭାପତି ପ୍ରଫୁଲ ମଲ୍ଲିକ ଯୋଗଦେଇ ଚାଷୀଙ୍କ ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି, ସମ୍ମାନ ପାଇଁ ଆଗକୁ ଜୋରଦାର ଲଢ଼େଇ ହେବ, ରେଢ଼ାଖୋଲରେ ଖୁବ୍ ଶୀଘ୍ର ରାଜ୍ୟ ସ୍ତରୀୟ ଚାଷୀ ସମ୍ମିଳନୀ ହେବା ସହିତ ଚାଷୀ ସମସ୍ୟା ପାଇଁ ଲଢ଼େଇ ଆରମ୍ଭ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଚାଷୀ ମାନେ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇ ଉଦବୋଧନ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗଦେଇ ଚାଷୀ କୌଣସି ଜାତି,ଦଳ, ବର୍ଣ୍ଣର ହୋଇନଥାଏ। ଚାଷୀ ସମସ୍ୟା, ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ହେଲେ ଅଞ୍ଚଳ, ରାଜ୍ୟ ଓ ଦେଶ ଆଗେଇବ ବୋଲି ଅଭିଭାଷଣ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚାଷୀ ନେତା ଭୁବନାନନ୍ଦ ମହାପାତ୍ର, ବାସୁଦେବ ସାହୁ, ବୃଷକେତୁ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ,ହରି ରଣା,ଘନଶ୍ୟାମ ପ୍ରଧାନ, ଅଜିତ ଦେଓ, ମୋନଜ ବେହେରା, ଅଭିନାଶ ପୁରୋହିତ,ଉମାକାନ୍ତ ପ୍ରଧାନ,କିଶୋର ପ୍ରଧାନ,ବଳରାମ ବେରିହା ପ୍ରମୁଖ ସମେତ ବିଭିନ୍ନ ବ୍ଲକ ବହୁ ସଂଖ୍ୟାରେ ଚାଷୀ ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ।

## ବୈତରଣୀ ନଦୀରେ ଗାଧୋଇବା ବେଳେ ନିଖୋଜ; ଦୁଇ ଯୁବକଙ୍କ ମୃତଦେହ ଉଦ୍ଧାର

ବାମେବାରୀ:କେନ୍ଦୁଝରଜିଲ୍ଲା ବାମେବାରୀ ଥାନା ଗୁରୁବେଢ଼ାସ୍ଥିତ ବୈତରଣୀ ନଦୀରେ ସାଙ୍ଗମାନଙ୍କ ସହିତ ଗାଧୋଇବା ବେଳେ ଅଘଟଣ ଘଟିଛି। ଗୋଡ଼ ଖସି ଯିବାରୁ ନଦୀରେ ବୁଡ଼ି ନିଖୋଜି ହୋଇଥିବା ଦୁଇ ଯୁବକଙ୍କ ମୃତଦେହ ଭିନ୍ନଭିନ୍ନ ସମୟରେ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ହେଲେ ଜୁରୁଡି ପେଣ୍ଡେଇ ବସ୍ତିର ସନାତନ ପେଣ୍ଡେଇ। ସୂଚନା ଅନୁସାରେ ଜୁରୁଡି ପେଣ୍ଡେଇ ବସ୍ତିର ୬ଜଣ ଯୁବକ ବୈତରଣୀ ନଦୀସ୍ଥିତ ପର୍ଯ୍ୟଟନ ସ୍ଥଳୀକୁ ଯାଇଥିଲେ। ଏହି ଯୁବକ ଗୋଷ୍ଠୀରେ ସନାତନ ପେଣ୍ଡେଇ ମଧ୍ୟ ଥିଲେ। ସେଠାରେ ସମସ୍ତେ ଗାଧୋଇବା ସମୟରେ ସନାତନ ଏବଂ ତାଙ୍କର ଜଣେ ଅନ୍ୟ ସାଙ୍ଗଙ୍କ ଗୋଡ ଖସି ଯିବାରୁ କିଛି ଦୂର ପର୍ଯ୍ୟନ୍ତ ସେ ଭାସିଯାଇ ଥିଲେ। ଏହି ସମୟରେ ସେ ତାଙ୍କୁ ଉଦ୍ଧାର କରିବା ପାଇଁ ସାଙ୍ଗମାନେ ଚେଷ୍ଟା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେମାନେ ବୁଡି ଯାଇ ନିଖୋଜ ହୋଇଯାଇ ଥିଲେ।ଏନେଇ ବାମେବାରୀ ପୁଲିସକୁ ଖବର ଦେବା ପରେ ପୁଲିସ ଅଗ୍ନିଶମ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପରେ ସନାତନ ପେଣ୍ଡେଇଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ସେହିପରି ସମାନ ସ୍ଥାନରୁ ଅନ୍ୟ ଯୁବକଙ୍କର ମୃତଦେହ ଉଦ୍ଧାର ହୋଇଛି।

## ୭୯ ଜୁଆ ଆଡ୍ଡା ଉପରେ ଚଢ଼ଉ, ୪୪୦ ଜୁଆଡ଼ି ଗିରଫ

ଛତ୍ରପୁର : ପାର୍ବଣ ଋତୁରେ ଗଞ୍ଜାମ ଜିଲ୍ଲାରେ ଜୁଆ ଖେଳ ଉପରେ ପୁଲିସର ଚଢ଼ଉ ଅଭିଯାନ ଜୋରଦାର ହୋଇଛି। ଗତ ତିନି ଦିନ ମଧ୍ୟରେ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୭୯ଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି । ଏହି ଚଢ଼ଉରେ ୪୪୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୧୧ ଲକ୍ଷ ୬୪ ହଜାର ୯୩୬ ଟଙ୍କା ନଗଦ, ୧୧୩ଟି ମୋବାଇଲ ଫୋନ୍ ଓ ୨୫ଟି ଗାଡ଼ି ଜବତ କରାଯାଇଛି ।ସେହିପରି ଅକ୍ଟୋବର ୨୨ ତାରିଖରେ ଗୋଟିଏ ଦିନରେ ୨୧ଟି ଥାନା ଅଞ୍ଚଳରେ ୪୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଥିଲା। ଏଥିରେ ୨୫୦ ଜଣ ଜୁଆଡ଼ି ଗିରଫ ହୋଇଥିବା ବେଳେ ୭ ଲକ୍ଷ ୯ ହଜାର ୮୭୧ ଟଙ୍କା ନଗଦ, ୬୯ଟି ମୋବାଇଲ ଫୋନ୍ ଓ ୧୧ଟି ଗାଡ଼ି ଜବତ ହୋଇଥିଲା ।ପୁଲିସ ସୂଚନା ଅନୁଯାୟୀ, ଭଞ୍ଜନଗର ଥାନା ପକ୍ଷରୁ ସର୍ବାଧିକ ୫ଟି ମାମଲା ରୁଜୁ କରାଯାଇ ୨୯ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେହିପରି ହିଞ୍ଜିଳିକାଟୁ ଥାନା ପକ୍ଷରୁ ୨ଟି ମାମଲାରେ ୯୧ ହଜାର ୩୪୦ ଟଙ୍କା ଜବତ ସହ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି ।ପାର୍ବଣ ସମୟରେ ଜୁଆ ଖେଳ ସମେତ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଉପରେ ପୁଲିସର କଡ଼ା ନଜର ରହିଛି ବୋଲି ଗଞ୍ଜାମ ଏସ୍‌ପି ହରିଶ ବି.ସି. କହିଛନ୍ତି। ବେଆଇନ ଜୁଆ ଖେଳ କିମ୍ବା ଅନ୍ୟ କୌଣସି ଅପରାଧିକ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ୧୧୨କୁ ଯୋଗାଯୋଗ କରି ପୁଲିସକୁ ସୂଚନା ଦେବାକୁ ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ମାଛ ଗୋଦାମରୁ ସାମଗ୍ରୀ ଚୋରୀ ଅଭିଯୋଗରେ ଜଣେ ଗିରଫ,ସାମଗ୍ରୀ ଜବତ

ବାଲିଚନ୍ଦ୍ରପୁର(ମହାଭାରତ): ଏକ ମାଛ ଗୋଦାମରୁ ତିନିଟି କମ୍ପୁଟର ଓଜନ କଣ୍ଟା ଓ ଗୋଟିଏ ପାଣି ମଟର ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ଭାଗବତ ଦାସ (୩୦) । ପୋଲିସ ସୂଚନା ମୁତାବକ ବାଲିଚନ୍ଦ୍ରପୁର ଗ୍ରାମର ମାଛ ବ୍ୟବସାୟୀ ଅଜୟ କୁମାର ସେଠୀଙ୍କର ବାଲିଚନ୍ଦ୍ରପୁର ବଜାରରେ ଏକ ମାଛ ଗୋଦାମ କରି ସେଠାରେ ବ୍ୟବସାୟ କରି ଆସୁଛନ୍ତି । ତେବେ ଗତ ୨୧ ତାରିଖ ବିଳମ୍ବିତ ରାତିରେ ଭାଗବତ ସେହି ଗୋଦାମରୁ ତିନିଟି କମ୍ପ୍ୟୁଟର ଓଜନ କଣ୍ଟା ଓ ଗୋଟିଏ ପାଣି ମଟରକୁ ଲୁଟି ନେଇ ଛୁ ମାରିଥିଲା । ଏନେଇ ଗୋଦାମ ମାଲିକ ଅଜୟ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୩୯୨/୨୬ରେ ଏନେଇ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଦାୟିତ୍ୱ ଥାନା ଏସ ଆଇ ଭାଗମତ ହାଁସଦାକୁ ଦିଆଯାଇଥିଲା । ଶ୍ରୀ ହାଁସଦା ଘଟଣାର ତଦନ୍ତ କରି ଅଭିଯୁକ୍ତ ଭାଗବତକୁ ଗତ କାଲି ଗିରଫ କରିବା ସହିତ ତାଙ୍କ ଠାରୁ ଚୋରୀ ଯାଇଥିବା ସାମଗ୍ରୀକୁ ଜବତ କରିଥିଲେ । ଆଜି ଅଭିଯୁକ୍ତ ଭାଗବତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

## ଗୌଡ଼ପୁଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍

## ଶରଣକୁଳକୁ ଟ୍ରାଇବ୍ରେକରରେ ହରାଇ ଖଣ୍ଡପଡ଼ା ସେମିରେ



ଓଡ଼ଗାଁ,୨୩-୧୦-/(ମହାଭାରତ):ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଗେ?ଡ଼ପୁଟ ସ୍ଥିତ ଝଙ୍ଗୀରାମ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ବୁଢ଼ାବୁଢ଼ିଆଣୀ କ୍ରୀଡ଼ାସଂସଦ ଓ ନେତାଜୀ କ୍ଲବ୍ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୩ୟ ଦିନର ଖେଳରେ ଶରଣକୁଳକୁ ଟ୍ରାଇବ୍ରେକରରେ ହରାଇ ଖଣ୍ଡପଡ଼ା ସେମିକୁ ଉନ୍ନୀତ ହୋଇଛି ।ଆଜିର ଖେଳ ଅତ୍ୟନ୍ତ ଚିତାକର୍ଷକ ଥିଲା। ଖେଳର ପ୍ରଥମାର୍ଦ୍ଧରେ ଶରଣକୁଳ ଦଳ ଏକ ଗୋଲ ଦେଇ ୧-୦ରେ ଆଗୁଆ ରହିଥିଲା ।ଖେଳର ଦ୍ୱିତୀୟାର୍ଦ୍ଧରେ ଖଣ୍ଡପଡ଼ା ଦଳ ଘନଘନ ଆକ୍ରମଣ କରି ଶରଣକୁଳକୁ ଏକ ଗୋଲଦେଇ ବରାବର ସ୍ଥିତିରେ ରହିଥିଲା ।ଉଭୟ ଦଳ ଗୋଲ କରିବାକୁ ପରସ୍ପରକୁ ଆକ୍ରମଣ କରିଥିଲେ ମଧ୍ୟ କେହି କାହାରିକୁ ଗୋଲଦେଇ ପାରନଥିଲେ। ଟ୍ରାଇବ୍ରେକର ସହାୟତାରେ ଖଣ୍ଡପଡ଼ା ଦଳ ଶରଣକୁଳକୁ ୪-୨ ଗୋଲରେ ହରାଇ ଦ୍ୱିତୀୟ ଦଳଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ କେ?ଳାସ ପ୍ରଧାନ, ସୁରେଶ ପରିଡ଼ା,ପ୍ରସନ୍ନ ନାୟକ, ସୂର୍ଯ୍ୟକାନ୍ତ ଦଳବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ନୟାଗଡ଼ ସହିତ ଖୋର୍ଦ୍ଧା ମଧ୍ୟରେ ମୁକାବିଲା ହେବବୋଲି ଆୟୋଜକ ନେତାଜୀ କ୍ଲବ ସଭାପତି ଦିଲ୍ଲୀପ କୁମାର ମାର୍ଥା ସୂଚନା ଦେଇଛନ୍ତି ।

## କିଟୁମ୍ବା ଗ୍ରାମରେ ନାଲ୍‌ସା ଯୋଜନାର ଦୁଇମାସିଆ ମେଗା ଡ୍ରାଇଭ୍ ଉଦ୍‌ଯାପିତ

## ଆଇନ ସଚେତନତା ସହ ଶ୍ରମିକ କାର୍ଡ ଓ କମ୍ବଳ ବଣ୍ଟନ




ପାରଳାଖେମୁଣ୍ଡି, (ମହାଭାରତ): ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ମାର୍ଗଦର୍ଶନରେ ତଥା ଗଜପତି ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ପୃଷ୍ଠପୋଷକତାରେ ଏବଂ ସଚିବ ବିମଳ ରାଉଳଙ୍କ ସକ୍ରିୟ ତତ୍ତ୍ୱାବଧାନରେ ଗୁମ୍ମା ବ୍ଲକ୍ ଅନ୍ତର୍ଗତ କିଟୁମ୍ବା ଗ୍ରାମରେ ଗତ ଦୁଇମାସ ଧରି ଚାଲିଥିବା ଆଇନ ସେବା ମେଗା ଡ୍ରାଇଭ୍ କାର୍ଯ୍ୟକ୍ରମ ଆଜି ଅପରାହ୍ନ ୪ଟା ସମୟରେ ଉଦଯାପିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଧାରା ୧୨ ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ନିଃଶୁଳ୍କ ଆଇନ ସହାୟତା ଓ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପ୍ରଦାନ କରିବା ଏହି ମେଗା ଡ୍ରାଇଭ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭିଯାନ ଅବଧିରେ ଘରକୁ ଘର ବୁଲି ଜନସମ୍ପର୍କ ଅଭିଯାନ କରାଯିବା ସହ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ସଂଗ୍ରହ କରାଯାଇଥିଲା ତଥା ତ୍ୱରିତ ସମାଧାନ ନିମନ୍ତେ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥି ସହ ଗ୍ରାମବାସୀଙ୍କୁ ସେମାନଙ୍କ ଆଇନଗତ ଅଧିକାର, ନିଃଶୁଳ୍କ ଆଇନ ସହାୟତା ପାଇବାର ବ୍ୟବସ୍ଥା, ବିଭିନ୍ନ ନାଲ୍‌ସା ଯୋଜନା ଓ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହା ସହ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପକ୍ଷରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ଖଣି ବିଭାଗ ପକ୍ଷରୁ ଆଜିର ଉଦଯାପନି ସଭାରେ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ମାନବିକତାମୂଳକ ପଦକ୍ଷେପ ଶୀତ ଦିନରେ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ଅଧିକ ଅର୍ଥପୂର୍ଣ୍ଣ କରିଥିଲା। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ବିମଳ ରାଉଳ, ଗଜପତି ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ପାରଳାଖେମୁଣ୍ଡିର ଖଣି ଅଧିକାରୀ ଦୀପେନ ପରିଡ଼ା, ଖଣି ଅଧିକାରୀ ମଳୟ କୁମାର ସେଠୀ ଏବଂ ପାରାଲିଗାଲ୍ ସ୍ୱେଚ୍ଛାସେବୀ ଶଶିରେଖା ବିଷୋୟୀ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ସେନାପତି, ରାୟ ଗୋବିନ୍ଦ ରାଜୁ, ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯଥାର୍ଥ ସାହାଯ୍ୟ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରାଧିକରଣ ପକ୍ଷରୁ କରାଯାଇଥିବା ଏହି ପ୍ରୟାସ ଉଲ୍ଲେଖନୀୟ ପଦକ୍ଷେପ ହିସାବରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବେଶ ପ୍ରଶଂସିତ ହୋଇଥିଲା।

## ପୂର୍ବତନ ପାଟଣା ବିଧାୟକ କାହ୍ନୁ ଚରଣ ନାଏକଙ୍କ ପରଲୋକ



ପାଟଣା:-(ମହାଭାରତ) ଆଉ ନାହାନ୍ତି ଲୋକଙ୍କ ଦୁଃଖ ସୁଖ ର ସାଥୀ ମନର ପ୍ରତୀକ ପୂର୍ବତନ ବିଧାୟକ। ଖେଳି ଯାଇଛି ଶୋକାକୁଳ ଛାୟା। ଏପରି ଦୁଃଖଦ ଖବର କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ଭଗପଶି ଗ୍ରାମ ର ପୂର୍ବତନ ବିଧାୟକ କାହ୍ନୁ ଚରଣ ନାଏକ ୭୯ ବର୍ଷ ବୟସରେ ତାଙ୍କର ପରଲୋକ ଘଟି।ଛି। କିଛି ମାସ ଧରି ଶ୍ରୀ ବିଧାୟକ ଅସୁସ୍ଥ ଥିଲେ । ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟ ରେ ଚିକିତ୍ସିତ ଧୀନ ଥିଲେ। କିଛି ଦିନ ତଳେ ତାଙ୍କୁ ଘରକୁ ଫେରିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଶେଷ ଭଲ ନ ହେବାରୁ ସେ କେନ୍ଦୁଝର ନିଜ ପୁଅ ନିକଟରେ ରହୁ ଚିକିତ୍ସିତ ହେଉ ଥିଲେ । ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଶ୍ରୀ ନାଏକ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଶେଷ ନିଶ୍ୱାସ ତ୍ୟାଗ ସମୟ ରେ ନିକଟରେ ତିନି ପୁଅ ଲୋକନାଥ,ସତ୍ୟବ୍ରତ,ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ,ଝିଅ ଝରଣା ଏବଂ ପୁତୁରା ଜ୍ୟୋତିରଞ୍ଜନ ସିଂହଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ଶୁକ୍ରବାର ତାଙ୍କ ପୈତୃକ ବାସ ଭବନ ଭଗପଶି କୁ ତାଙ୍କ ମର ଶରୀର ପହଞ୍ଚି ଥିଲା। ଏପରି ଦୁଃଖଦ ଖବର ପାଇ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ନାଏକ ତାଙ୍କ ପରିବାର କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଏହି ପରିପେକ୍ଷୀରେ ସ୍ୱର୍ଗତ ଶ୍ରୀ ନାଏକ ୧୯୯୦ ମସିହାରୁ ୧୯୯୫ ପର୍ଯ୍ୟନ୍ତ ଜନତା ଦଳ ଟିକେଟ ରେ ପାଟଣା ବିଧାନସଭା କ୍ଷେତ୍ର ରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଅଞ୍ଚଳର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ମଧ୍ୟ ସେ ସକ୍ରିୟ ରାଜନୀତିରେ ଜଡ଼ିତ ରହିଥିଲେ। ତାଙ୍କ ପରିବାରର ଲୋକ ପ୍ରତିନିଧିତ୍ୱ ମଧ୍ୟ ଉଲ୍ଲେଖନୀୟ ରହିଛି । ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ନାଏକ ପୂର୍ବ ରୁ ପାଟଣା ବ୍ଲକ ଅଧକ୍ଷା ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ତାଙ୍କ ସାନପୁଅ ଜଗନ୍ନାଥ ନାଏକ ପୂର୍ବତନ ବିଜେଡି ରୁ ଜଣେ ଯୁବ ନେତା ପରିଚୟ କରି ପ୍ରଥମେ ବ୍ଲକ ଅଧକ୍ଷ ଓ ପରେ ବିଧାୟକ ଭାବେ ପାଟଣା ନିର୍ବାଚନ ମଣ୍ଡଳୀ ରେ ନିଜର ପ୍ରତିନିଧିତ୍ୱ କରିସାରିଛନ୍ତି କାହ୍ନୁ ଚରଣ ନାଏକଙ୍କ ବିୟୋଗରେ ରାଜ୍ୟ ରାଜନୀତି ତଥା କେନ୍ଦୁଝର ଜିଲ୍ଲାରେ ଗଭୀର ଶୋକର ଛାୟା ଖେଳି ଯାଇଛି । ଏହା ବ୍ୟତୀତ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାଏକ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡ଼ା ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁ, ଝୁମ୍ପୁରା ବ୍ଲକ ବିଜେଡି ସଭାପତି ଡମ୍ବରୁଧର ଏବଂ ଚମ୍ପୁଆ ବ୍ଲକ ବିଜେଡି ସଭାପତି ଚୂଡ଼ାମଣି ମହାନ୍ତ ପ୍ରମୁଖ ବରିଷ୍ଟ,କନିଷ୍ଠ ,କର୍ମୀ,ରାଜ୍ୟ ନେତା ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ମାନେ ଭଗପଶି ବାସଭବନ ରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ପୋଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ମୋଦୀଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା

### ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ ଲକ୍ଷ୍ୟଧାର୍ଯ୍ୟ



**ନୂଆଦିଲ୍ଲୀ,୨୩।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ତାଙ୍କ ପୋଲାଣ୍ଡ ପ୍ରତିପକ୍ଷ ଡୋନାଲ୍ଡ ଟସ୍କଙ୍କ ସହିତ ଦ୍ୱିପାକ୍ଷିକ କଥାବାର୍ତ୍ତା କରିଛନ୍ତି। ନୂଆଦିଲ୍ଲୀର ହାଇଦରାବାଦ ହାଉସରେ ଅନୁଷ୍ଠିତ କଥାବାର୍ତ୍ତା କାଳରେ ଉଭୟ ନେତା ପ୍ରତିରକ୍ଷା, ମହାକାଶ ଓ ପରମାଣୁ ଶକ୍ତି କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହା ସହିତ ୨୦୩୦ ସୁଦ୍ଧା ଦୁଇ ଦେଶର ବାଣିଜ୍ୟ କାରବାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପୋଲାଣ୍ଡର କମ୍ପାନୀଗୁଡ଼ିକୁ ଭାରତରେ ମିଳିତ ଉତ୍ପାଦନ ଓ ବିକାଶ ପାଇଁ ନିମନ୍ତ୍ରଣ ଜଣାଇଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଗ୍ରୀନ୍ ଟେକ୍ନୋଲୋଜି, କ୍ରିଟିକାଲ ମିନେରାଲ୍ସ (ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ) ଏବଂ କୋଇଲା ଗ୍ୟାସୀକରଣ କ୍ଷେତ୍ରରେ ନୂଆ ଅଂଶୀଦାରୀ ଗଢ଼ିବା ପାଇଁ ଆଲୋଚନା ହୋଇଛି। ଭାରତ ଓ ୟୁରୋପୀୟ ୟୁନିୟନ ମଧ୍ୟରେ ହେବାକୁ ଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ରପ୍ତାନି ଓ ନିବେଶ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମୋଦୀ କହିଛନ୍ତି। ଉଭୟ ନେତା ନିୟମ-ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ସଂସ୍କାର ପାଇଁ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ କଥାବାର୍ତ୍ତା ବ୍ୟତୀତ ରୁଷ୍-ୟୁକ୍ରେନ ଯୁଦ୍ଧ ଓ ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତି ବାବଦରେ ଉଭୟ ନେତା ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ୟୁକ୍ରେନ ଓ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଭାରତ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ୨୧ ତାରିଖରୁ ତିନି ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କ ସହିତ ଏକ ଉଚ୍ଚସ୍ତରୀୟ ସରକାରୀ ପ୍ରତିନିଧି ଦଳ ଏବଂ ୧୦୦ ଜଣ ପ୍ରମୁଖ ସିଇଓ ଓ ଶିଳ୍ପ ପ୍ରତିନିଧି ଭାରତ ଗସ୍ତରେ ଆସିଛନ୍ତି।

# ଅରୁଣାଚଳ ସୀମାରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା

### ସୈନ୍ୟଙ୍କ ଜାରିରହିଛି ମୁହାଁମୁହିଁ ସ୍ଥିତି
### ଆଇଟିପିବି ସୀମାରେ ଚାଇନାର ମୁକାବିଲା




**ନୂଆଦିଲ୍ଲୀ,୨୩।୧୦:** ସାମ୍ନାକୁ ଆସିଛି ବଡ଼ ଖବର। ଜୁଲାଇ ମାସରୁ ଅରୁଣାଚଳ ପ୍ରଦେଶର ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଜାରି ରହିଛି ଉତ୍ତେଜନା। ସୀମାର ବିଭିନ୍ନ ସ୍ଥାନରେ ଏବେ ବି ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଛି। ଏକଥା ଖୋଦ ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ୍(ଆଇଟିବିପି)ର ମହାନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ଅରୁଣାଚଳର ଉତ୍ତର-ପୂର୍ବ ସୀମାରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ପ୍ରଥମଥର ପାଇଁ ସରକାରୀ ସ୍ତରରେ ନିଶ୍ଚିତ କରାଯାଇଛି। ସୀମାରେ ବେଶ କିଛି ମାସ ହେଲା ଉତ୍ତେଜନା ବଢୁଥିବା ରିପୋର୍ଟ ପ୍ରକାଶ ପାଉଥିଲେ ହେଁ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିବା ଖବର ପ୍ରଥମର ସାମ୍ନାକୁ ଆସିଛି। ଜୁଲାଇ ମାସରେ ହିଁ ତାକସିଙ୍ଗ ଅଞ୍ଚଳର ଏଲଏସିରେ ଥିବା ପ୍ରମୁଖ ସ୍ଥାନଗୁଡ଼ିକରେ ଭାରତକୁ ପ୍ୟାଟ୍ରୋଲିଂ ପାଇଁ ଚାଇନିଜ ଟ୍ରୁପ୍ସ ଅନୁମତି ଦେଉ ନଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଆଉ ଜୁଲାଇ ମାସରୁ ହିଁ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବା ଏବେ ଆଇଟିବିପିର ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର କହିଛନ୍ତି। ସେ କହିଛନ୍ତି, "କିଛି ଦିନ ହେଲା ଏମିତି ଏକ ସ୍ଥିତି ସୃଷ୍ଟି ହୋଇଥିଲା ଯେଉଁଥି ପାଇଁ ଅରୁଣାଚଳର ବିଭିନ୍ନ ସ୍ଥାନରେ ଗୋଟିଏ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏବେ ମଧ ଏଭଳି ସ୍ଥିତି ଲାଗି ରହିଛି।" ଏହାର ଅର୍ଥ ସେପ୍ଟେମ୍ବର ମାସରେ ଚାଇନିଜ ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ରିକ୍ସ ଶିଖର ସମ୍ମିଳନୀ ଯୋଗାଦେବାକୁ ଭାରତ ଆସିଥିଲେ ହେଁ ସୀମାରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିଲା। ଆଇଟିବିପି ମୁଖ୍ୟଙ୍କ କହିବା କଥା ଯେ ଶୌର୍ଯ୍ୟ କମାଣ୍ଡୋମାନେ ମୁହାଁମୁହିଁ ସ୍ଥିତିର ମୁକାବିଲା ବେଶ ଚମତ୍କାର ଢଙ୍ଗରେ ମୁକାବିଲା କରିଛନ୍ତି। ସେ କହିଛନ୍ତି, "ନୂଆ କରି ଗଠନ ହୋଇଥିବା ଶୌର୍ଯ୍ୟ କମାଣ୍ଡୋମାନେ ଏହି ଉତ୍ତେଜନା ସମୟରେ ଅତ୍ୟନ୍ତ ଚମତ୍କାର ଭୂମିକା ଗ୍ରହଣ କରିଛନ୍ତି।" ଶୌର୍ଯ୍ୟ କମାଣ୍ଡୋମାନେ ଉଚ୍ଚ ସ୍ଥାନରେ ଯୁଦ୍ଧ କୌଶଳରେ ବେଶ ପାରଙ୍ଗମ। ତେଣୁ ଚାଇନିଜ ସୈନ୍ୟଙ୍କୁ ସେମାନେ ସୀମାରେ କଡ଼ା ଟକ୍କର ଦେଉଥିବା କପୁର କହିଛନ୍ତି। ୧୯୬୨ରେ ଚାଇନାକୁ ଲାଗି ରହିଥିବା ୩,୪୮୮ କିମି ଲମ୍ବା ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିର ସୁରକ୍ଷା ପାଇଁ ଆଇଟିବିପି ଗଠନ ହୋଇଥିଲା। ଏବେ ଆଇଟିପିବି ସୀମାରେ ଚାଇନାର ମୁକାବିଲା କରୁଛି। କପୁର କହିଛନ୍ତି, "ଆଇଟିପିବି ଗୋଟିଏ ପାହାଡ଼ ଗରିଲା ଫୋର୍ସ ଭାବେ ଗଠନ ହୋଇଥିଲା। ୨୦୦୪ରେ ଆମକୁ ଚାଇନା ସହ ଲାଗିଥିବା ସୀମାର ସୁରକ୍ଷା ଦାୟିତ୍ୱ ମିଳିଥିଲେ। ଆମକୁ ଆମର ପ୍ରକୃତ କାର୍ଯ୍ୟକୁ କେବେ ହେଲେ ଭୁଲି ଯିବା ନାହିଁ।" ଚାଇନା ସବୁଠାରୁ ଚ୍ୟାଲେଞ୍ଜିଂ ପ୍ରଷ୍ଟ ବୋଲି ସ୍ୱୀକାର କରି ଆଇଟିବିପି ଡିଜି କପୁର କହିଛନ୍ତି ଯେ ଫୋର୍ସ ପକ୍ଷରୁ ନିଜର ସମସ୍ତ ବର୍ଡ ୟୁନିଟ ପାଇଁ ଡ୍ରୋନ ପ୍ଲାଟୁନ୍ସ ଗଠନ କରାଯାଇଛି। ଗଲୱାନ ଭଳି ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ ଯୁଦ୍ଧ କୌଶଳର ତାଲିମ ଦିଆଯାଇଛି। ସବୁ ସ୍ଥିତିର ମୁକାବିଲା ପାଇଁ ଅଣ୍ଡରଗ୍ରାଉଣ୍ଡ ଭିତ୍ତିଭୂମି ମଧ୍ୟ ନିର୍ମାଣ କରାଯାଇଥିବା ସେ କହିଛନ୍ତି।

ବେଶ କିଛି ମାସ ହେବ ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଉତ୍ତେଜନା ଲାଗି ରହିଛି। ଜୁଲାଇ ମାସରେ ପିପୁଲ୍ସ ପାର୍ଟି ଅଫ ଅରୁଣାଚଳ ପ୍ରଦେଶର ଗୋଟିଏ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯାଞ୍ଚ ପରେ କହିଥିଲେ ଯେ ପିଏଲଏ ଟ୍ରୁପ୍ସ ତାକସିଙ୍ଗରେ ଭାରତର ପ୍ୟାଟ୍ରୋଲିଂକୁ ବିଭିନ୍ନ ସ୍ଥାନରେ ଅବରୋଧ କରିଛି।

## ରାଜନୈତିକ ଓ ଅନ୍ୟ ଗୋଷ୍ଠୀଙ୍କ ଦ୍ୱାରା ଆକସ୍ମିକ ପ୍ରତିବାଦ ଆଶଙ୍କା

**ନୂଆଦିଲ୍ଲୀ,୨୩।୧୦:** ରାଜନୈତିକ ଓ ଅନ୍ୟ ଗୋଷ୍ଠୀମାନଙ୍କ ଦ୍ୱାରା ଆକସ୍ମିକ ପ୍ରତିବାଦ ଆଶଙ୍କା କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦିଲ୍ଲୀରେ ୨୭୩ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) କମ୍ପାନିର ମୁତୟନକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କକ୍ରୋଚ ଜନତା ପାର୍ଟି(ସିଜେପି)ର ପ୍ରତିବାଦକୁ ଦେଖି ଏହି ସଶସ୍ତ୍ର ପୁଲିସ ବାହିନୀକୁ ଦିଲ୍ଲୀ ଡକାଯାଇଥିଲା। ଗୃହ ମନ୍ତ୍ରଣାଳୟ ଅକ୍ଟୋବର ୨୨ ତାରିଖରେ ଦିଲ୍ଲୀ ପୁଲିସ ଓ ସମ୍ପୃକ୍ତ ସିଏପିଏଫ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀ ପୁଲିସର ଅନୁରୋଧକ୍ରମେ ଏହି ସମ୍ପ୍ରସାରଣକୁ ମଞ୍ଜୁର କରାଯାଇଥିଲା। ଅଧିକାରୀମାନେ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ହଠାତ୍ ପ୍ରତିବାଦ ହେବାର ଆଶଙ୍କା ଉଲ୍ଲେଖ କରିଥିଲେ। ମନ୍ତ୍ରଣାଳୟ ଅକ୍ଟୋବର ମଧ୍ୟଭାଗରେ ଏହି ପ୍ରକାର ବୃଦ୍ଧିକୁ ମଞ୍ଜୁରି ଦେଇଥିଲେ। ଦିଲ୍ଲୀ ପୁଲିସ ସହିତ ନିୟୋଜିତ ହେବାକୁ ଥିବା ୨୭୩ ଟି କମ୍ପାନି ମଧ୍ୟରୁ ୧୨୫ ଟି କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍)ର, ଯେଉଁଥିରେ ୨୦ ଟି ମହିଳା କର୍ମଚାରୀ ୟୁନିଟ୍; ୪୬ ଟି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ; ୩୯ ଟି ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ (ଆଇଟିବିପି), ୩୧ ଟି ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି); ୨୦ ଟି ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍) ; ଏବଂ ୧୨ ଟି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) କମ୍ପାନି ରହିଛି। ଏକ ସିଏପିଏଫ୍ କମ୍ପାନୀର ଅନୁମୋଦିତ ସଂଖ୍ୟା ୧୦୦ ଜଣ କର୍ମଚାରୀ ଥାଏ, ଯଦିଓ ଏହାର ପ୍ରଭାବଶାଳୀ କାର୍ଯ୍ୟକ୍ଷମ ସଂଖ୍ୟା ପ୍ରାୟ ୭୦-୭୨ ଜଣ କର୍ମଚାରୀ। ଦିଲ୍ଲୀର କିଛି ସ୍ଥାନରେ ଅକ୍ଟୋବର ୯ ତାରିଖରେ ସିଜେପି ବିରୋଧ ପ୍ରଦର୍ଶନ କରିଥିଲା, ଯେଉଁଥିରେ ପ୍ରଦର୍ଶନକାରୀମାନେ ଏସ୍‌ଆଇଆରରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ବିରୋଧୀ ଦଳଗୁଡ଼ିକ ପରେ ସମାନ ଦାବି ନେଇ ପ୍ରତିବାଦ କରିଥିଲେ।

# ତିବ୍ବତ ଭୂକମ୍ପ : ୧୬ ମୃତ, ୬୫ ଆହତ




**ନୂଆଦିଲ୍ଲୀ,୨୩।୧୦:** ତିବ୍ବତରେ ଅନୁଭୂତ ହୋଇଥିବା ଭୂକମ୍ପରେ ଏଯାଏଁ ପ୍ରାୟ ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୫ ଜଣ ଆହତ ହୋଇଛନ୍ତି। ଗୁରୁବାର ରାତିରେ ତିବ୍ବତରେ ହୋଇଥିବା ୭.୦ ତୀବ୍ରତାର ଭୂମିକମ୍ପରେ ଅନେକ କ୍ଷୟକ୍ଷତି ଘଟିଛି। ଭୂମିକମ୍ପ ପରେ ୧୨,୦୦୦ ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଚୀନ୍ ସରକାରୀ ଗଣମାଧ୍ୟମ ଅନୁଯାୟୀ, ଶୁକ୍ରବାର ସକାଳ ସୁଦ୍ଧା ୪୦୦ ରୁ ଅଧିକ ପରବର୍ତ୍ତି ଝଟକା ରେକର୍ଡ କରାଯାଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ତିବ୍ବତର ନାଗକୁ ସିଟିର ବାଚେନ୍ କାଉଣ୍ଟିରେ ଥିଲା। ଏହା ଭୂମି ତଳେ ୧୦ କିଲୋମିଟରରୁ କମ୍ ଗଭୀରତାରେ ଘଟିଥିଲା। ଏହି ସ୍ଥାନଟି ତିବ୍ବତର ରାଜଧାନୀ ଲାସାଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ଅବସ୍ଥିତ। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଭୂମିକମ୍ପରେ ୩୩୦ ରୁ ଅଧିକ ଘର ଭୁଶୁଡ଼ି ପଡ଼ିଛି,କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ପାକିସ୍ତାନରେ ୪.୯ ଏବଂ ଆଫଗାନିସ୍ତାନରେ ୪.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ଅନୁଭବ କରିବା ପରେ ଲୋକମାନେ ଘରୁ ପଳାଇ ଆସିଥିଲେ। ଏହାର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭୂମିକମ୍ପ ପ୍ରଭାବିତ ଲୋକଙ୍କ ପାଇଁ ବାଚେନ କାଉଣ୍ଟିର ଏକ ପ୍ରାଥମିକ ବିଦ୍ୟାଳୟରେ ତମ୍ବୁ ସ୍ଥାପନ କରାଯାଇଥିଲା। ଭୂମିକମ୍ପ ପରେ ଉଦ୍ଧାରକାରୀ ଟିମ୍ ଲୋକଙ୍କୁ ଉଦ୍ଧାର କରିବା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି। ମେସିନଗୁଡ଼ିକ ଭଗ୍ନାବଶେଷ ହଟାଇ ଦେଉଛନ୍ତି। ତିବ୍ବତ ବିଶ୍ୱର ଏପରି ଏକ ଅଞ୍ଚଳ ଯେଉଁଠାରେ ଭୂମିକମ୍ପର ବିପଦ ଅଧିକ। ଏଠାରେ ଭାରତୀୟ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟ୍ ଧକ୍କା ଖାଇଥାଏ। ଜାନୁଆରୀ ୨୦୨୫ରେ, ତିବ୍ବତର ଟିଙ୍ଗ୍ରି କାଉଣ୍ଟିରେ ୭.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏଥିରେ ତିବ୍ବତରେ ପ୍ରାୟ ୪୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା, ପଡ଼ୋଶୀ ନେପାଳରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଉତ୍ତର ଭାରତ ସମେତ ଦକ୍ଷିଣ ଏସିଆର ଅନେକ ସ୍ଥାନରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ପୂର୍ବରୁ, ୨୦୧୦ରେ ପଡ଼ୋଶୀ ଚୀନ୍ ପ୍ରଦେଶ କିଙ୍ଗହାଇରେ ୭.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଅତି କମରେ ୨,୬୯୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ପ୍ରାୟ ୩୦୦ ଲୋକ ନିଖୋଜ ହୋଇଥିଲେ।

## ୧୯ ଲକ୍ଷ ଟଙ୍କା ପାଇଁ ମା' ଓ ପୁଅଙ୍କୁ ହତ୍ୟା !

**ନୂଆଦିଲ୍ଲୀ,୨୩।୧୦:** ଟଙ୍କା ପାଇଁ ଏତେ ବଡ଼ ଷଡ଼ଯନ୍ତ୍ର । ୧୯ ଲକ୍ଷ ଟଙ୍କା ଲୋଭରେ ପ୍ରଥମେ ଶିକ୍ଷୟିତ୍ରୀଙ୍କୁ ହତ୍ୟା, ପରେ ରହସ୍ୟ ଖୋଲିଯିବା ଭୟରେ ପୁଅକୁ ବି ମାରିଥିଲା । ଛତିଶଗଡ଼ର ସୂରଜପୁର ଜିଲ୍ଲାରେ ଶିକ୍ଷୟିତ୍ରୀ ରଜନୀ ବରେଠ ଓ ତାଙ୍କ ପୁଅ ସୁଜଲ ବରେଠଙ୍କ ହତ୍ୟା ମାମଲାର ତଦନ୍ତ କରି ପୋଲିସ ଏଭଳି ଚାଞ୍ଚଲ୍ୟକର ଖୁଲାସା କରିଛି । ଏହି ମାମଲାରେ ପ୍ରବେଶ କୁମାର ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି । ପୋଲିସର ଦାବି ଅନୁସାରେ, ରଜନୀଙ୍କୁ ମିଳିବାକୁ ଥିବା ପ୍ରାୟ ୧୯ ଲକ୍ଷ ଟଙ୍କାର ଋଣ ଉପରେ ଅଭିଯୁକ୍ତଙ୍କ ନଜର ଥିଲା । ପୋଲିସ ତଦନ୍ତରୁ ଜଣାପଡ଼ିଥିବା ଅନୁସାରେ, ଅଭିଯୁକ୍ତ ପ୍ରବେଶଙ୍କ ପତ୍ନୀ ଓ ମୃତ ରଜନୀ ବରେଠ ଏକ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ । ଏହି ପରିଚୟ ଯୋଗୁଁ ପ୍ରବେଶଙ୍କର ରଜନୀଙ୍କ ଘରକୁ ଯିବାଆସିବା ଥିଲା । ରଜନୀ ପ୍ରାୟ ୧୯ ଲକ୍ଷ ଟଙ୍କାର ଋଣ ନେବାକୁ ଥିବା କଥା ମଧ୍ୟ ସେ ଜାଣିଥିଲେ । ଅନ୍ୟପଟେ ପ୍ରବେଶ ନିଜ ବ୍ୟବସାୟ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଋଣ ନେଇଥିବାରୁ ଆର୍ଥିକ ଚାପରେ ଥିଲେ । ଏହି ପରିସ୍ଥିତିରେ ରଜନୀଙ୍କ ଋଣ ଟଙ୍କା ଉପରେ ତାଙ୍କ ନଜର ପଡ଼ିଥିବା ପୋଲିସ କହିଛି । ଟଙ୍କା ହାତେଇବା ପାଇଁ ସେ ହତ୍ୟାର ଷଡ଼ଯନ୍ତ୍ର ରଚିଥିଲା ।

## ଦିଲଜିତ୍ ଦୋସାଞ୍ଜ ଓ ଅମିତାଭ ବଚ୍ଚନଙ୍କୁ ଧମକପୂର୍ଣ୍ଣ ଇମେଲ୍

**ନୂଆଦିଲ୍ଲୀ,୨୩।୧୦:** ମୁମ୍ବାଇ ମେୟର ରିତୁ ରାଜେଶ ତାୱଡେଙ୍କୁ ଶୁକ୍ରବାର ଏକ ଧମକପୂର୍ଣ୍ଣ ଇମେଲ୍ ମିଳିଛି, ଯେଉଁଥିରେ ତାଙ୍କ ଅଫିସକୁ ଟାର୍ଗେଟ କରିବାକୁ ଧମକ ଦିଆଯାଇଛି। ଚିଠିରେ ୨୭ ନଭେମ୍ବରରେ ମହାଲକ୍ଷ୍ମୀ ରେସକୋର୍ସରେ ହେବାକୁ ଥିବା ପଞ୍ଜାବୀ ଗାୟକ ଦିଲଜିତ ଦୋସାଞ୍ଜଙ୍କ ଇଣ୍ଡିଆ ଟୁର୍ ଇଭେଣ୍ଟକୁ ଟାର୍ଗେଟ କରାଯିବ ବୋଲି ଧମକ ଦିଆଯାଇଥିଲା। ଇମେଲ୍‌ରେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ମଧ୍ୟ ଟାର୍ଗେଟ କରାଯିବାକୁ ଧମକ ଦିଆଯାଇଛି। ଧମକଦାତାଙ୍କ ପରିଚୟ ଓ ଇମେଲର ସତ୍ୟତା ସମ୍ବନ୍ଧୀୟ ସୂଚନା ମିଳିନାହିଁ। ଧମକଦାତାଙ୍କ ପରିଚୟ ମିଳିନାହିଁ ପୂର୍ବରୁ ସୁରକ୍ଷା ଚିନ୍ତାର କାରଣ ଦର୍ଶାଇ ଦିଲ୍ଲୀ ପୁଲିସ ଅକ୍ଟୋବର ୩୦ ତାରିଖରେ ରାଜଧାନୀ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ହେବାକୁ ଥିବା ଦିଲଜିତ ଦୋସାଞ୍ଜଙ୍କ କନସର୍ଟ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲା। ପୁଲିସ ଟିକେଟିଂ ପାର୍ଟନର୍ ବୁକ୍?ମାଇଁସୋକୁ ଲେଖିଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ତଥାପି ଗୁରୁବାର ସନ୍ଧ୍ୟା ସୁଦ୍ଧା, ଟିକେଟିଂ ପାର୍ଟନର୍ ଏହାର ଆପ୍ କିମ୍ବା ୱେବସାଇଟ୍‌ରୁ ସୋ ତାଲିକାକୁ ହଟାଇ ନଥିଲେ।

## ହୋଟେଲରୁ ମିଳିଲା ଡିଏସପିଙ୍କ ମୃତଦେହ



**ବୋଙ୍ଗାଇଗାଁ,୨୩।୧୦:** ଆସାମର ବୋଙ୍ଗାଇଗାଁଓ ଜିଲାର ଏକ ହୋଟେଲ ରୁମ୍‌ରୁ ଜଣେ ଡିଏସ୍‌ପିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଅଧିକାରୀ ଜଣକ ଖାର୍ଗେଶ୍ୱର ରାଭା ବୋଲି ଜଣାପଡିଛି। ଖାର୍ଗେଶ୍ୱର ମୁଖ୍ୟମନ୍ତ୍ରୀଙ୍କ ଭିଜିଲାନ୍ସ ସେଲ୍‌ରେ ଡିଏସପି ଭାବେ କାର୍ଯ୍ୟରତ ଥିଲେ। ହେଲେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ଡିଏସପି ଖାର୍ଗେଶ୍ୱର ଗତ ୧୮ ତାରିଖରେ ହୋଟେଲରେ ରହିବାକୁ ଆସିଥିଲେ। ହେଲେ କିଛି ଦିନ ହେଲା ହୋଟେଲ ରୁମ୍‌ରୁ କୌଣସି ଗତିବିଧି ଜଣାପଡି ନ ଥିଲା। ଏପରିକି ରୁମ୍ ଭିତରୁ ଦୁର୍ଗନ୍ଧ ବାହାରିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ବଢ଼ିଥିଲା। ଏନେଇ ହୋଟେଲ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସର ବରିଷ୍ଠ ଅଧିକାରୀ ହୋଟେଲରେ ପହଞ୍ଚି ରୁମ୍ କବାଟ ଭାଙ୍ଗି ଥିଲେ। ପରବର୍ତ୍ତୀ ସମୟରେ ରୁମ୍ ଭିତରୁ ଡିଏସପିଙ୍କ ଗଳିତ ମୃତଦେହ ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ବୋଙ୍ଗାଇଗାଁଓ ବରିଷ୍ଠ ପୋଲିସ ଅଧୀକ୍ଷକ(ଏସ୍‌ଏସ୍‌ପି) ନୂମଲ ମହାତୋ କହିଛନ୍ତି, ପୋଲିସର ପ୍ରାଥମିକ ତଦନ୍ତରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଡିଏସପିଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ହେଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ଅଧୀକ୍ଷକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଏପରିକି ପୋଲିସ ହୋଟେଲର ସିସିଟିଭି ଫୁଟେଜ, କଲ ଡିଟେଲ ରେକର୍ଡ ଏବଂ ହୋଟେଲର ଭିଜିଟର ଲଗ୍ ଯାଞ୍ଚ କରିଛି।

## ରୁଷ ୟୁକ୍ରେନ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ

### ଆମେ ଆମର ଲକ୍ଷ୍ୟ ହାସଲ କରିବୁ : ପୁଟିନ

**ନୂଆଦିଲ୍ଲୀ,୨୩।୧୦:** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବଡ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ରୁଷ ୟୁକ୍ରେନ ସହିତ ଆଲୋଚନା କରିବାକୁ ଏବଂ ସମାଧାନ ଖୋଜିବାକୁ ପ୍ରସ୍ତୁତ। ସେ ଏହା ମଧ୍ୟ କହିଛନ୍ତି ଯେ ରୁଷ ତାର ସାମରିକ ଲକ୍ଷ୍ୟ ହାସଲ କରିବ। ପୁଟିନ ସମ୍ପ୍ରତି ମସ୍କୋରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ ୱିଟକଫଙ୍କ ସହିତ ୟୁକ୍ରେନ ସହିତ ଏକ ସମ୍ଭାବ୍ୟ ଚୁକ୍ତି ବିଷୟରେ ଆଲୋଚନା କରିଛନ୍ତି। ଏହି ପ୍ରସଙ୍ଗରେ ରୁଷ ସାମ୍ବାଦିକ ପାଭେଲ ଜାରୁବିନଙ୍କ ସହ କଥାବାର୍ତ୍ତା କରି ପୁଟିନ କହିଛନ୍ତି ଯେ ରୁଷ ୟୁକ୍ରେନ ପ୍ରସଙ୍ଗରେ ଆମେରିକା ସହିତ ତ୍ରିପାକ୍ଷିକ ଆଲୋଚନା କରିବାକୁ ପ୍ରସ୍ତୁତ। ପୁଟିନ କହିଛନ୍ତି, "ମୁଁ ଭାବୁଛି ଆମେ ଏକ ଚୁକ୍ତିରେ ପହଞ୍ଚିପାରିବୁ, କିନ୍ତୁ ଯଦି କେହି ଏହାକୁ ଭିନ୍ନ ଭାବରେ କରିବାକୁ ଚାହାଁନ୍ତି, ତେବେ ଆମେ ଏଥିପାଇଁ ମଧ୍ୟ ପ୍ରସ୍ତୁତ। କିନ୍ତୁ ଯେକୌଣସି ପରିସ୍ଥିତିରେ, ଆମେ ଆମର ସାମରିକ ଲକ୍ଷ୍ୟ ହାସଲ କରିବୁ। ଆମେରିକୀୟ ପ୍ରତିନିଧିଙ୍କ ସହ ଆମର ଆଲୋଚନାରେ, ଆମେ ତ୍ରିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତୁତ। ଏହି ଚୁକ୍ତିର ଲକ୍ଷ୍ୟ ହେବ ରୁଷ ଏବଂ ୟୁକ୍ରେନର ସୁରକ୍ଷା ସୁନିଶ୍ଚିତ କରିବା, ସାମୟିକ ଭାବରେ ଯୁଦ୍ଧ ବନ୍ଦ କରିବା ନୁହେଁ। ଆମେ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ।" ପୁଟିନ କହିଛନ୍ତି, "ଯଦି ୟୁକ୍ରେନ ଯୁଦ୍ଧ ଚାହେଁ, ତେବେ ଆମେ ଏଥିପାଇଁ ମଧ୍ୟ ପ୍ରସ୍ତୁତ।" ପୁଟିନ କହିଛନ୍ତି, "ଆମେ ଆରମ୍ଭରୁ ଏକ ଶାନ୍ତିପୂର୍ଣ୍ଣ ସମାଧାନର ସମର୍ଥନ କରିଆସୁଛୁ। ଆମେ ୨୦୧୪ ରେ ଏହା ବିଷୟରେ କଥା ହୋଇଥିଲୁ, କିନ୍ତୁ ସେମାନେ ସାଧାରଣ ଲୋକଙ୍କ ବିରୁଦ୍ଧରେ ବନ୍ଧୁକ ଏବଂ ଲଢୁଆ ବିମାନ ବ୍ୟବହାର କରିଥିଲେ। ସେମାନେ ଯୁଦ୍ଧ ଆରମ୍ଭ କରିଥିଲେ। ତା'ପରେ ମିନସ୍କ ଚୁକ୍ତିନାମା ଆସିଥିଲା। ତା'ପରେ, ଡୋନବାସରେ ଅପରେସନ ଆରମ୍ଭ ହେବା ପୂର୍ବରୁ, ଆମେ ଏକ ଆପୋଷ କଥା କହିଥିଲୁ, କିନ୍ତୁ ୟୁକ୍ରେନ କହିଲା ଯେ ଆମେ ଲଢ଼ିବୁ। ରୁଷ ରାଷ୍ଟ୍ରପତି କହିଛନ୍ତି, "ଆମେରିକା ପ୍ରତିନିଧିଙ୍କ ସହ ଆଲୋଚନାରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ଯଦି ଆମେ ୟୁକ୍ରେନ ଏବଂ ରୁଷ ପାଇଁ ଭବିଷ୍ୟତର ସୁରକ୍ଷା ଗ୍ୟାରେଣ୍ଟି ବିଷୟରେ ଆଲୋଚନା କରିବାକୁ ଚାହୁଁ, ତେବେ ଆମକୁ ୟୁରୋପୀୟ ସୁରକ୍ଷା ବିଷୟରେ ମଧ୍ୟ ଆଲୋଚନା କରିବାକୁ ପଡ଼ିବ, ଏବଂ ଆମେ ଏଥିରେ ସହମତ। ଆମେ ଆଗାମୀ ଦିନରେ ପରିସ୍ଥିତି କିପରି ବିକଶିତ ହୁଏ ତାହା ଦେଖିବୁ।"

## ଦିଲ୍ଲୀରେ ସିଇସି ବିରୋଧୀ ପ୍ରତିବାଦ

### ଇସିଆଇ କାର୍ଯ୍ୟାଳୟକୁ ପଦଯାତ୍ରା

**ନୂଆଦିଲ୍ଲୀ,୨୩।୧୦:** ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ବିରୋଧରେ ଦିଲ୍ଲୀରେ ପୁଣି ଥରେ ବଡ଼ଧରଣର ପ୍ରତିବାଦ ଆରମ୍ଭ ହୋଇଛି। 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ପକ୍ଷରୁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) କାର୍ଯ୍ୟାଳୟକୁ ଶୁକ୍ରବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଥିବାବେଳେ ଅଶୋକ ରୋଡରେ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖାଯାଇଛି। 'ଗଣତନ୍ତ୍ରର ପୁନଃସ୍ଥାପନ' ଡାକରା ଦେଇ ଛାତ୍ର, କୃଷକ ଓ ନାଗରିକ ସମାଜ ଗୋଷ୍ଠୀମାନଙ୍କ ଏହି ମଞ୍ଚ ଦିଲ୍ଲୀର କନଟ୍ ପ୍ଲେସର ବାଙ୍ଗଲା ସାହିବ ଗୁରୁଦ୍ୱାରରୁ ପଟେଲ ଚୌକ ନିକଟସ୍ଥ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ମଧ ଶୋଭାଯାତ୍ରାରେ ଯୋଗଦେବାକୁ ମଞ୍ଚ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଲୋଡ଼ା ଯିବନାହିଁ ବୋଲି ମଞ୍ଚ ଅକ୍ଟୋବର ୧୮ ତାରିଖରେ ଘୋଷଣା କରିଥିଲା। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାବେଳେ ପ୍ରତିବାଦକାରୀଙ୍କ ଉପରେ ବଳ ପ୍ରୟୋଗ କରିବା ବିରୋଧରେ ପୁଲିସ, ଅର୍ଦ୍ଧସାମରିକ ବାହିନୀ କର୍ମଚାରୀ ଓ ଜେଲ କର୍ତ୍ତୃପକ୍ଷଙ୍କୁ ମଧ ଚେତାବନୀ ଦେଇଛି। ମଞ୍ଚ ପକ୍ଷରୁ 'ହର ଗଲି ଜନ୍ତର ମନ୍ତର, ହର ଗାଁ ଜନ୍ତର ମନ୍ତର, ମେରା ଘର ଜନ୍ତର ମନ୍ତର' ସ୍ଲୋଗାନ ଦେଇ 'ନୋ ଏସ୍‌ଆଇଆର' ଅଭିଯାନ ଶୋଭାଯାତ୍ରା କରିଥିଲା। ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀଗୁଡ଼ିକ ଦ୍ୱାରା ଅକ୍ଟୋବର ୧୪ ତାରିଖରେ ନୂଆଦିଲ୍ଲୀର ସୁରଜିତ ଭବନରେ ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର ଗ୍ରୁପ୍ ଗଠନ କରାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା ଓ 'ପିପୁଲ୍ସ ଏଗେନଷ୍ଟ ଏସ୍‌ଆଇଆର' ମଞ୍ଚ ଶୁକ୍ରବାର ଦେଶବ୍ୟାପୀ ପ୍ରତିବାଦ କରୁଛନ୍ତି; ବିଭିନ୍ନ ଟ୍ରେଡ ୟୁନିଅନ ଓ ନାଗରିକ ସମାଜ ସଂଗଠନ ପଦଯାତ୍ରାକୁ ସମର୍ଥନ ଜଣାଇଛନ୍ତି।

## ଖାଇକୁ ଖସିପଡ଼ିଲା କାର୍, ୪ ମୃତ

**ଜୟପୁର,୨୩।୧୦:** ରାଜସ୍ଥାନର ଜୟପୁର ଗ୍ରାମୀଣ ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ କାର୍ ଅନିୟନ୍ତ୍ରିତ ହୋଇ ଖାଇକୁ ଖସିପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ପୋଲିସକୁ ସୂଚନା ମିଳିବା ପରେ ଘଟଣା ସ୍ଥଳରେ ପହଞ୍ଚି କାରରେ ଫସିଥିବା ଲୋକଙ୍କ ବାହାରକୁ କାଢିଥିଲେ। ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, କାରଟି ମନୋହରପୁରରୁ ଦୌସା ଅଭିମୁଖେ ଯାଉଥିବା ବେଳେ ହାଇୱେର ରାୟସର ନିକଟ ଜମୱାରାମଗଡ଼ ଅଞ୍ଚଳରେ ଗାଡ଼ିଟି ହଠାତ୍ ଅନିୟନ୍ତ୍ରିତ ହୋଇ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣା ଦେଖି ରାସ୍ତାରେ ଯାଉଥିବା ଲୋକେ ପୋଲିସକୁ ଖବର ଦେଇଥିଲେ । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ଏକ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲା । ପରେ କାର୍ ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରାଯାଇଥିଲା । ଦୁର୍ଘଟଣାରେ ପ୍ରାଣ ହରାଇଥିବା ୪ ଜଣଙ୍କ ପରିଚୟ ଏଯାଏଁ ଜଣାପଡ଼ିନାହିଁ । ପୋଲିସ ମୃତକଙ୍କ ପରିଚୟ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି ।

## ବ୍ରିଟେନ୍‌ରେ ହାଇ ଆଲର୍ଟ, ଆଟାକ୍ କରିବ ରୁଷ



**ଲଣ୍ଡନ,୨୩।୧୦:** ମିଡିଲ ଇଷ୍ଟରେ ଚାଲିଥିବା ଉତ୍ତେଜନା ଏପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଏହି ସମୟରେ ବ୍ରିଟେନକୁ ରୁଷ ସହିତ ଯୁଦ୍ଧର ଭୟ ଘାରିଛି। ଯଦିଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ସମ୍ଭାବନାକୁ ଖାରଜ କରିସାରିଛନ୍ତି, ତଥାପି ବ୍ରିଟେନ ନିଜ ନାଗରିକମାନଙ୍କ ପାଇଁ ଆଲର୍ଟ ଜାରି କରିଛି ଏବଂ ୭୨ ଘଣ୍ଟା ପାଇଁ ପର୍ଯ୍ୟାପ୍ତ ରାସନ ମହଜୁଦ ରଖିବାକୁ କହିଛି। କେବଳ ସେତିକି ନୁହେଁ, ୟୁନାଇଟେଡ କିଙ୍ଗଡମ ସରକାର ନାଗରିକମାନଙ୍କୁ ରେଡିଓ ଏବଂ ବ୍ୟାଟେରୀ ଭଳି ଜରୁରୀ ସାମଗ୍ରୀ ମଧ ପାଖରେ ରଖିବାକୁ ପରାମର୍ଶ ଦେଇଛନ୍ତି। ପ୍ରକୃତରେ ୟୁକେର ପ୍ରତିରକ୍ଷା ସଚିବ ୱେସ ଷ୍ଟ୍ରିଟିଂ ରୁଷର ନାମ ନ ନେଇ ସାଇବର ଆକ୍ରମଣ ଏବଂ ଷ୍ଟେଟ-ସ୍ପନସର୍ଡ ଆତଙ୍କବାଦୀ ଆକ୍ରମଣ ଆଶଙ୍କାରେ ଏହି ଆଲର୍ଟ ଜାରି କରିଛନ୍ତି। ୱେସଙ୍କ କହିବାନୁଯାୟୀ, ସାଇବର ଆକ୍ରମଣ ଯୋଗୁଁ ଇଂଲଣ୍ଡର ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇପାରେ କିମ୍ବା ଜଙ୍ଗଲରେ ନିଆଁ ଲାଗିପାରେ। ଏହା ବ୍ୟତୀତ ଭିତ୍ତିଭୂମି ଉପରେ ମଧ ଆକ୍ରମଣ ହୋଇପାରେ, ତେଣୁ ୭୨ ଘଣ୍ଟା ପାଇଁ ସାମଗ୍ରୀ ମହଜୁଦ ରଖିବା ଅତ୍ୟନ୍ତ ଜରୁରୀ। ଏହି ବୟାନ ଏପରି ଏକ ସମୟରେ ଆସିଛି, ଯେତେବେଳେ ଏକ ଗୁରୁତର ଚାଏଚ ସୁରକ୍ଷା ତ୍ରୁଟି କାରଣରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବ୍ରିଟେନର ୩୨ଟି ସରକାରୀ ୱେବସାଇଟକୁ ଅଫଲାଇନ କରିଦିଆଯାଇଛି।

# ଆଜି ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟ୍ୱେଣ୍ଟି-୨୦

## ଖେଳିବେନି ଆହତ ଈଶାନ, ସୂର୍ଯ୍ୟବଂଶୀଙ୍କ ପାଇଁ ସୁଯୋଗ

ଖ୍ରୀଷ୍ଟଚର୍ଚ୍ଚ: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ପ୍ରଥମ ଟ୍ୱେଣ୍ଟି-୨୦ ଜିତିବା ପରେ ଏବେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଉପରେ ନଜର ରଖିଛି। ଏହି ମ୍ୟାଚ୍ ଜିତି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଆଗୁଆ ହେବାର ଲକ୍ଷ୍ୟ ରଖିଛି ଶ୍ରେୟସ ଆୟରଙ୍କ ଦଳ। ହେଲେ ଦଳ ପାଇଁ ଏବେ ବଡ଼ ଚିନ୍ତାର କାରଣ ହେଉଛି ଈଶାନ କିଶନଙ୍କ ଆହତ ଜନିତ ସମସ୍ୟା।ଗୁରୁବାର ପ୍ରଥମ ଟ୍ୱେଣ୍ଟି-୨୦ ବେଳେ ତାଙ୍କ ଡାହାଣ ଜଙ୍ଘର ମାଂସପେଶୀ ଟାଣି ହୋଇଯାଇଛି। ଏଥିପାଇଁ ସେ ଶନିବାର ମ୍ୟାଚ୍ ଖେଳିବେନି ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ସ୍ଥାନରେ ଦଳରେ ଥିବା ସିମ୍ ବୋଲିଂ ଅଲ୍‌ରାଉଣ୍ଡର ଶିବମ ଦୁବେ ଖେଳିବା ଉପଯୁକ୍ତ ନଥିବାରୁ ଗତ ୪ ମ୍ୟାଚ୍‌ରେ ବେଞ୍ଚରେ ବସି ରହିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି।ଗୁରୁବାର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୨୬ ରନ୍‌ର ବଡ଼ ସ୍କର୍ କରିଥିଲେ ମଧ୍ୟ ଭାରତ ୨ ବଲ୍ ପୂର୍ବରୁ ୪ ୱିକେଟ୍‌ରେ ମ୍ୟାଚ୍ ଜିତି ନେଇଥିଲା। ସଞ୍ଜୁ ସାମ୍‌ସନ୍, ଶ୍ରେୟସ, ନମନ ଧୀର ଚମତ୍କାର ଖେଳି ଦଳକୁ ଏହି ବଡ଼ ବିଜୟ ଦେଇଥିଲେ। ଶନିବାର ସେହି ଖ୍ରୀଷ୍ଟଚର୍ଚ୍ଚରେ ମ୍ୟାଚ୍ ଖେଳାଯିବାକୁ ଥିବାରୁ ଆଉ ଏକ ବଡ଼ ମ୍ୟାଚ୍ ଦେଖିବାକୁ ମିଳିବ। ଏହି ମ୍ୟାଚ୍ ପରେ ଉଭୟ ଦଳର ପରବର୍ତ୍ତୀ ୩ ଟ୍ୱେଣ୍ଟି-୨୦ ଯଥାକ୍ରମେ ୱେଲିଂଟନ୍, ଅକ୍‌ଲାଣ୍ଡ ଓ ହାମିଲଟନ୍‌ରେ ଅକ୍ଟୋବର ୨୭, ୩୦ ଓ ନଭେମ୍ବର ୧ ତାରିଖରେ ଖେଳିବେ। ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳା ପରେ ୫ ଦିନିକିଆ ଓ ୨ ଟେଷ୍ଟ୍ ମ୍ୟାଚ୍ ଖେଳିବେ ଉଭୟ ଦଳ।ଖ୍ରୀଷ୍ଟଚର୍ଚ୍ଚରେ ଖେଳା ଯାଇଥିବା ପ୍ରଥମ ଟି-୨୦ରେ ଭାରତ ୪ ୱିକେଟରେ ବିଜୟ ହୋଇଥିଲା। ଏହି ମ୍ୟାଚ୍‌ରେ ଈଶାନ କିଶନ କେବଳ ୧ ରନ କରିଥିଲେ। ତେବେ ମ୍ୟାଚ୍ ବେଳେ ତାଙ୍କ ଜଙ୍ଘରେ ସମସ୍ୟା ଦେଖାଯାଇଥିଲା। ତେଣୁ ସେ ହାଗଲେୟ ଓଭାଲରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ରେ ନଜର ଆସି ନ ପାରନ୍ତି ବୋଲି ଭାରତୀୟ ଟିମର ବ୍ୟାଟିଂ କୋଚ ସୀତାଂଶୁ କୋଟାକ ସ୍ପଷ୍ଟ କରିଛନ୍ତି। ନିୟମିତ ଭାବେ ୩ ନମ୍ବରରେ ବ୍ୟାଟିଂ କରୁଥିବା ଈଶାନ ଗୁରୁବାର ନିମ୍ନକ୍ରମରେ ବ୍ୟାଟିଂ କରିଥିଲେ। ଫ୍ୟାନ୍ସ ଭାବିଥିଲେ ଯେ ଭାରତୀୟ ଟିମ ମ୍ୟାନେଜମେଣ୍ଟ ତିଳକ ବର୍ମାଙ୍କୁ ଉପରେ ଖେଳାଳି ପରୀକ୍ଷାନୀରିକ୍ଷା କରୁଛି। ହେଲେ ଆହତ ସମସ୍ୟା ଯୋଗୁ ଈଶାନ ୫ ନମ୍ବରରେ ବ୍ୟାଟିଂ କରିଥିଲେ ଓ କେବଳ ୧ ରନ କରିବାକୁ ସକ୍ଷମ ହୋଇଥିଲେ। ସୀତାଂଶୁ କୋଟାକ ମ୍ୟାଚ୍ ପରେ କହିଛନ୍ତି ଯେ "ଈଶାନ କିଶନଙ୍କ ଜଙ୍ଘରେ ସମସ୍ୟା ଦେଖାଯାଇଛି। ଏଥିପାଇଁ ତିଳକ ବର୍ମା ୩ ନମ୍ବରରେ ବ୍ୟାଟିଂ କରିଥିଲେ। ଈଶାନ ଦ୍ୱିତୀୟ ଟି-୨୦ ଖେଳିବାର ସମ୍ଭାବନା କମ। ଯଦି ଈଶାନ ଖେଳିବେ ନାହିଁ, ତା'ହେଲେ ବୈଭବ ନିଶ୍ଚିତ ଭାବେ ତାଙ୍କ ସ୍ଥାନ ନେବେ। ସେ ଏବେ ଈଶାନଙ୍କ ସ୍ଥାନ ନେବାକୁ ସବୁଠାରୁ ଆଗରେ ରହିଛନ୍ତି।" ଏସିଆନ ଗେମ୍ସ ଫାଇନାଲ ପରଠାରୁ ଭାରତୀୟ ଟିମର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି ବୈଭବ। ସେ ୱେଷ୍ଟଇଣ୍ଡିଜ ବିପକ୍ଷ ୫ ଟିକିଆ ଟି-୨୦ ସିରିଜ ସ୍କ୍ୱାଡରେ ଥିଲେ ହେଁ ତାଙ୍କୁ ମ୍ୟାଚ ଖେଳିବାକୁ ସୁଯୋଗ ମିଳି ନଥିଲେ।ନ୍ୟୁଜିଲ୍ୟାଣ୍ଡ ସିରିଜ ପୂର୍ବରୁ ମଧ୍ୟ ବୈଭବଙ୍କୁ ଉପଯୁକ୍ତ ସମୟରେ ସୁଯୋଗ ମିଳିବ ବୋଲି ଭାରତୀୟ ଟିମ ଅଧିନାୟକ ଶ୍ରେୟସ ଆୟର କହିଥିଲେ। ତାଙ୍କୁ ଧୈର୍ଯ୍ୟ ରଖିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ। ଏବେ ଈଶାନଙ୍କ ଆହତ ସମସ୍ୟା ବୈଭବଙ୍କୁ ନୂଆ ସୁଯୋଗ ଦେଇପାରେ। ଭାରତ (ସମ୍ଭାବ୍ୟ ଏକାଦଶ): ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ମୟଙ୍କ ଯାଦବ, ନମନ ଧୀର, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ (ୱିକେଟ୍‌କିପର), ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ, ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ୍, କାଇଲ ଜାମିସନ, ମ୍ୟାଟ୍ ହେନରି, ଲୋକି ଫର୍ଗୁସନ।





**ପ୍ରସାରଣ: ସୋନି ସ୍ପୋର୍ଟ୍ସ, ସମୟ: ଅପରାହ୍ଣ ୧୨.୩୦**

### ଭାରତ-ଜିମ୍ବାୱେ ପ୍ରଥମ ଦିନିକିଆ

# ପ୍ରତିକାଙ୍କ ଶତକ



ବଦୋଦରା, ୨୩।୧୦: ବଦୋଦରାରେ ଆରମ୍ଭ ହୋଇଥିବା ଭାରତ-ଜିମ୍ବାୱେ ମହିଳା ଦିନିକିଆ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚରେ ଘରୋଇ ଦଳକୁ ୯ ୱିକେଟରେ ପରାସ୍ତ କରିଛି ସ୍ମୃତି ମନ୍ଧାନାଙ୍କ ଟିମ୍। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୪୯.୫ ଓଭରରେ ୧୯୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବେଲୋଭେଡ୍ ବିଜା ସର୍ବାଧିକ ୬୨ ରନ୍ କରିଥିଲେ। ଭାରତ ପକ୍ଷରୁ ଶ୍ରୀଚରଣୀ ସର୍ବାଧିକ ୪ ୱିକେଟ , କ୍ରାନ୍ତି ଗୌଡ଼ ୩ ୱିକେଟ ନେଇଥିଲେ। ଜବାବରେ ଓପନର ପ୍ରତିକା ରାୱଲଙ୍କ ଅପରାଜିତ ଶତକ ୧୦୦ (୯୬ ବଲ, ୧୦ ଚୌକା) ଓ ସ୍ମୃତି ମନ୍ଧାନାଙ୍କ ୩୨ ଓ ତୃତୀୟ ସ୍ଥାନରେ ଆସିଥିବା ସେଫାଲୀ ବର୍ମାଙ୍କ ବିସ୍ଫୋରକ ୬୪ ରନ୍ (୩୩ ବଲ, ୫ ଚୌକା, ୪ ଛକା)ଙ୍କ ବଳରେ ୨୭.୧ ଓଭରରେ ୧ ୱିକେଟ ହରାଇ ୨୦୦ ରନ୍ କରିଛି ସହଜରେ ମ୍ୟାଚ୍ ବିଜୟୀ ହୋଇଛି।

# ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼: ଭାରତର ଆଶା ବଢ଼ାଇଲା ଦ. ଆଫ୍ରିକା

ନୂଆଦିଲ୍ଲୀ, ୨୩।୧୦: ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆକୁ ପାଲି ଓ ୩୧ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ଦୌଡ଼କୁ ରୋଚକ କରିଛି। ଅଷ୍ଟ୍ରେଲିଆ ଶୀର୍ଷରେ ରହିଥିଲେ ମଧ୍ୟ ଏହି ପରାଜୟ ଭାରତ ସହ ଅନ୍ୟ ଦଳଙ୍କ ପାଇଁ ଆଶା ସଞ୍ଚାର କରିଛି। ଡବ୍ଲ୍ୟୁଟିସି ଟେବୁଲରେ ଅଷ୍ଟ୍ରେଲିଆ ୭୫.୦୦ ପିସିଟି ସହ ଶୀର୍ଷରେ ଥିଲା ବେଳେ ନ୍ୟୁଜିଲାଣ୍ଡ (୭୨.୨୨) ଦ୍ୱିତୀୟ ଏବଂ ଦକ୍ଷିଣ ଆଫ୍ରିକା (୬୬.୬୭) ତୃତୀୟ ସ୍ଥାନରେ ରହିଛି। ବାଂଲାଦେଶ (୫୫.୫୬) ତଳକୁ ଭାରତ (୫୧.୫୨) ପଞ୍ଚମରେ ରହିଛି। ଆଗକୁ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଏବଂ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ୫ ଟେଷ୍ଟ୍ ଖେଳିବ। ଏହି ଦୁଇ ଶୃଙ୍ଖଳା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ୬୦ ପିସିଟି ପାଇବାକୁ ହେଲେ ଏହି ୭ ମ୍ୟାଚ୍‌ରୁ ୬୨ ପଏଣ୍ଟ ସଂଗ୍ରହ କରିବାକୁ ପଡ଼ିବ ଏବଂ ୨ରୁ ଅଧିକ ଟେଷ୍ଟ୍ ନ ହାରିବା ଆବଶ୍ୟକ। ଭଲ ପ୍ରଦର୍ଶନ କଲେ ମଧ୍ୟ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ ଅତିକମ୍‌ରୁ ୨ଟି ଦଳ ପଏଣ୍ଟ ହରାଇଲେ ଭାରତର ଫାଇନାଲ୍ ସ୍ଥାନ ନିଶ୍ଚିତ ହୋଇପାରେ। ସେହିପରି ବାଂଲାଦେଶର ମଧ୍ୟ ଫାଇନାଲ୍ ଖେଳିବା ଆଶା ରହିଛି। ଏହି ଦଳ ଆଗକୁ ୬ ଟେଷ୍ଟ ଖେଳିବାକୁ ଥିଲା ବେଳେ ୪ଟି ଘରୋଇ ମାଟିରେ ଖେଳିବ। ଏଥିରୁ ଯଦି ଭଲ ପଏଣ୍ଟ ପାଇବା ସହ ଶୀର୍ଷ ଥିବା ଦଳ ପଏଣ୍ଟ ହରାଇବେ, ତେବେ ବାଂଲାଦେଶ ପାଇଁ ସୁଯୋଗ ଆସିବ।



# ଇତିହାସ ରଚିଲେ ଅନାହତ

## ଗୋଲ୍ଡ ଲେବଲ୍ ସେମିଫାଇନାଲ୍‌ରେ ପହଞ୍ଚିବାରେ ପ୍ରଥମ ଭାରତୀୟ

ରେଡ୍‌ଉଡ୍ ସିଟି (ଆମେରିକା), ୨୩।୧୦: ଭାରତୀୟ ସ୍କ୍ୱାସ୍ ତାରକା ଅନାହତ ସିଂହ ଚମତ୍କାର ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ପିଏସ୍‌ଏ ଗୋଲ୍‌ଡ ଲେବଲ୍ ସ୍କ୍ୱାସ୍ ପ୍ରତିଯୋଗିତା 'ସିଲିକନ୍ ଭ୍ୟାଲି ଓପନ୍' ସେମିଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଏଥିସହ ୧୮ ବର୍ଷୀୟା ଅନାହତ ଗୋଲ୍‌ଡ ଲେବଲ୍ ସ୍କ୍ୱାସ୍ ପ୍ରତିଯୋଗିତାର ସେମିଫାଇନାଲ୍ ପହଞ୍ଚିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି।

ଗତ କାଲି ୮ଥରର ବିଶ୍ୱ ବିଜୟିନୀ ଇଜିପ୍ଟର ନୂର ଏଲ୍ ସେରବିନୀଙ୍କୁ ପ୍ରିକ୍ୱାର୍ଟରଫାଇନାଲ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ବିଶ୍ୱର ଏହି ୧୫ନମ୍ବର ଖେଳାଳି ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଇଜିପ୍ଟର ସଲମା ହାନିଙ୍କୁ ୩-୨ (୪-୧୧, ୧୧-୮, ୪-୧୧, ୧୧-୨, ୧୧-୫)ରେ ପରାସ୍ତ କରିଛନ୍ତି। ଫାଇନାଲ୍ ସ୍ଥାନ ପାଇଁ ସେ ବିଶ୍ୱର ୪ ନମ୍ବର ତଥା ଏସୀୟ କ୍ରୀଡ଼ା ବିଜୟିନୀ ମାଲେସିଆର ଶିବାସାଙ୍ଗାରୀ ସୁବ୍ରମଣ୍ୟମ୍‌ଙ୍କୁ ଭେଟିବେ।ମ୍ୟାଚ୍ ଜିତିବା ପରେ ବିଶ୍ୱ କନିଷ୍ଠ ବିଜୟିନୀ ଅନାହତ କହିଛନ୍ତି, "ମୁଁ ପୂର୍ବରୁ କେବେ ସଲମାଙ୍କ ବିପକ୍ଷରେ ଖେଳି ନଥିଲି, ତେଣୁ କୋର୍ଟକୁ ଓହ୍ଲାଇବା ବେଳେ କ'ଣ ଆଶା କରିବି ଜାଣି ନଥିଲି। ଗତକାଲିର (ଏଲ୍ ସେରବିନୀଙ୍କ ବିପକ୍ଷ) ବିଜୟ ପରେ ମୋ ମନରେ ବିଶ୍ୱାସ ଥିଲା ଯେ ଭଲ ଖେଳିଲେ ଯେକୌଣସି ଖେଳାଳିଙ୍କୁ ହରାଇ ପାରିବି। ଗତକାଲିର ମ୍ୟାଚ୍ ପରେ କିଛିଟା କ୍ଲାନ୍ତ ଥିଲି, ହେଲେ ବିଜୟର ଧାରା ହାତଛଡ଼ା କରିବାକୁ ଚାହୁ ନଥିଲି।''



# ପିସିସି କ୍ଲବର ଅର୍ପିତ ସତ୍ୟମଙ୍କ ଚମତ୍କାର ପ୍ରଦର୍ଶନ

ରାହାମା, ୨୩।୧୦: ପାରାଦ୍ୱୀପ ର ଅଗ୍ରଣୀ କ୍ରିକେଟ କ୍ଲବ ପିସିସି କ୍ଲବ (ପାରାଦ୍ୱୀପ) ରେ ଖେଳୁଥିବା ଅର୍ପିତ ସତ୍ୟମ ମହାନ୍ତି ଚଳିତ ବର୍ଷ ଅଣ୍ଡର ୨୩ ଓଡିଶା ଦଳ ପକ୍ଷରୁ ଚମତକାର ପ୍ରଦର୍ଶନ କରିଛନ୍ତି । ଚଳିତ ବର୍ଷ ୨୦୨୬-୨୭ ବିସିସିଆଇ ଘରୋଇ ଟୁର୍ଣ୍ଣାମେଣ୍ଡ କୋଲ୍ ସିକେ ନାଇଡୁ ଟ୍ରଫି ପାଇଁ ଅଣ୍ଡର ୨୩ ଓଡିଶା ଦଳ ପକ୍ଷରୁ ଅର୍ପିତ ସତ୍ୟମ ମହାନ୍ତି ଚୟନ ହୋଇଥିବା ବେଳେ , ଐତିହାସିକ ବାରବାଟୀ ଷ୍ଟାଡିୟମ ରେ ଆୟୋଜିତ ସିକେ ନାଇଡୁ ଟ୍ରଫି ମ୍ୟାଚରେ ଘରୋଇ ଓଡିଶା ଓ ବରୋଦା ବିପକ୍ଷରେ ଅନୁଷ୍ଠିତ ହୋଇଥିଲା । ନିମନ୍ତ୍ରିତ ଦଳ ବରୋଦା ଓଡିଶା ସାମ୍ନାରେ ୨୭୮ ରନ୍ ଲକ୍ଷ ଧାର୍ଯ୍ୟ କରିଥିଲା । ତେବେ ଓଡିଶା ଦଳ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୧୬ ରନ କରି ପରାସ୍ତ ହୋଇଥିଲା । ଅର୍ପିତ ନିର୍‌ଦ୍ଧାରିତ ୧୩.୫ ଓଭର ବୋଲିଂ କରି ୪୫ ରନ୍ ଦେଇ ୬ଟି ଉଇକେଟ୍ ହାସଲ କରିଥିଲେ । ତାଙ୍କର ଏହି ସଫଳତାକୁ ନେଇ ପିସିସି କ୍ଲବ୍ ର ସମସ୍ତ ସଦସ୍ୟ ବେଶ୍ ଖୁସି ଜାହିର କରିବା ସହିତ କ୍ଲବ୍ ର ବରିଷ୍ଠ ପଦାଧୀକାରୀ ମାନେ ଅର୍ପିତଙ୍କୁ ଧନ୍ୟବାଦ ଜଣାଇଥିଲେ । ୧୧ ବର୍ଷରୁ ଅର୍ପିତ ନିଜର କ୍ରିକେଟ କ୍ୟାରିୟର ପିସିସି କ୍ଲବରୁ ଆରମ୍ଭ କରିବା ସହିତ ପିସିସି କ୍ଲବ୍ ର ଜୁନିଅର କୋଚ୍ ଅଜଂନ ସେଠୀ ଙ୍କ ନିକଟରେ ପ୍ରଶିକ୍ଷଣ ନେଇଥିଲେ । ଅର୍ପିତଙ୍କର କ୍ରିକେଟ ପ୍ରତି ରୁଚି ଏବଂ ଦକ୍ଷତା କୁ ପରଖି ପାରାଦ୍ୱୀପ ପୋର୍ଟ ଅଥରେଟୀ ର କୋଚ୍ ତଥା ଓଡିଶା ରଣଜୀ କ୍ରିକେଟ ଦଳର ଉଦୟମାନ ଖେଳାଳୀ ଜାମଲା ଭଜଂନ ମହାପାତ୍ର ନିଜ ଆଡୁ ଅର୍ପିତଙ୍କୁ ପ୍ରଶିକ୍ଷଣ ଦେଇଥିଲେ , କେବଳ ଅର୍ପିତ ନୁହଁନ୍ତି ପ୍ରତ୍ୟକା ପିଲାଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଇଥାନ୍ତି ଯାହା ଫଳରେ ସେମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ଖେଳ ପ୍ରଦର୍ଶନ କରିବା ରେ ସଫଳତା ପାଇଥାନ୍ତି । ଯାହାର ଉଦାହରଣ ଅର୍ପିତ ଙ୍କ ନିକଟରେ ଦେଖିବାକୁ ମିଳିଛି, ଗତ ବର୍ଷ ୨୦୨୫-୨୬ ଓଡିଶା ଅଣ୍ଡର ୧୯ ରେ ଅର୍ପିତ ସତ୍ୟମ ମହାନ୍ତି ଦଳରେ ଚୟନ ହେବା ସହିତ ମଧ୍ୟ ଭଲ ପ୍ରଦର୍ଶନ ମଧ୍ୟ କରିଥିଲେ । ପାରାଦ୍ୱୀପରେ ଗଢି ଉଠିଥିବା ପାରାଦ୍ୱୀପ କ୍ରିକେଟ କ୍ଲବ ରୁ ଅନେକ ପ୍ରତିଭାବାନ ଖେଳାଳୀ ମାନେ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରି ଆସୁଥିବାବେଳେ ପିସିସି ର ଏଭଳି ପ୍ରୟାସ କୁ ସାଧାରଣରେ ପ୍ରସଂଶା କରିଛନ୍ତି । ଅର୍ପିତଙ୍କ ର ଏଭଳି ପ୍ରତିଭା ପ୍ରତିପାଦନ କରିବା ପାଇଁ ଓଡିଶା କ୍ରିକେଟ ଆସୋସିଏସନ ସୁଯୋଗ ଦେଇଥିବାରୁ ଓସିଏ ର ସମସ୍ତ ପଦାଧୀକାରୀ ଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛି ପିସିସି ।



# କିଟ୍ ଓ କିସ୍ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩।୧୦: ଜାପାନରେ ଆୟୋଜିତ ୨୦୨୬ ଏସୀୟ କ୍ରୀଡ଼ା ଓ ଗ୍ଲାସ୍‌ଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ହାସଲ କରିଥିବା କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ଙ୍କୁ ଶୁକ୍ରବାର କିଟ୍ ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାରୋହରେ କିଟ୍ ଓ କିସ୍ ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ମୋଟ ୨୧ ଜଣ ପଦକଧାରୀ କିଟ୍ ବିଶ୍ୱବିଦ୍ୟାଳୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ସହ ମୋଟ ପ୍ରୋତ୍ସାହନ ରାଶି ୨କୋଟି ୫୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।




ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଜାପାନରେ ଅନୁଷ୍ଠିତ ୨୦ତମ ଏସୀୟ କ୍ରୀଡ଼ାରେ କିଟ୍ ଓ କିସ୍‌ର ୫୭ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗୋଟିଏ ଭାରତୀୟ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏହା ସର୍ବବୃହତ୍ ଦଳ ଥିଲା। ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ବିଭାଗରେ ମୋଟ ୨୧ଟି ପଦକ ହାସଲ କରିଥିଲେ, ଯାହା କି ପଞ୍ଜାବ ରାଜ୍ୟ ହାସଲ କରିଥିବା ପଦକ ସଂଖ୍ୟା ସହ ସମାନ। ସେହିପରି ଗ୍ଲାସଗୋଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କିଟ୍‌ର ୧୪ ଜଣ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିଥିଲେ।

ଆଜି ଏହି ସମାରୋହରେ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରି ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ସମ୍ମାନ ପ୍ରଦାନ କରିଆସୁଛି। କିଟ୍ ଓ କିସ୍‌ର ବିଭିନ୍ନ ଷ୍ଟାଡ଼ିୟମ ଭାରତର ବିଭିନ୍ନ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ନାମରେ ନାମିତ କରାଯାଇଛି। କ୍ରୀଡ଼ାବିତ୍‌ମାନେ ଉଚ୍ଚଶିକ୍ଷା ଲାଭ କରିବା ସହ କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେଇଆସୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୭ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୫ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୩ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ୫ ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୩ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୨ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଉଭୟ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ଓଡ଼ିଶା ସରକାରଙ୍କ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଏସୀୟ ପାରା କ୍ରୀଡ଼ା

# ବିଶ୍ୱ ରେକର୍ଡ ସହ ସନ୍ଦୀପ, ହାନେଙ୍କୁ ସ୍ୱର୍ଣ୍ଣ






ନାଗୋୟା, ୨୩।୧୦(ଏଜେନ୍ସି): ଭାରତୀୟ ଆଥ୍‌ଲେଟ୍ ସନ୍ଦୀପ ଓ ହାନେ ଏଠାରେ ଚାଲିଥିବା ଏସୀୟ ପାରା କ୍ରୀଡ଼ାରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁକ୍ରବାର ସନ୍ଦୀପ ପୁରୁଷ ୪୦୦ ମିଟର ଟି୪୭ରେ ଏବଂ ହାନେ ଜାଭଲିନ୍ ଥ୍ରୋ ଏଫ୍‌୩୭/୩୮ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୪୦୦ ମିଟର ଫାଇନାଲ୍‌ରେ ସନ୍ଦୀପ ୫୨.୨୮ ସେକେଣ୍ଡରେ ରେସ୍ ଶେଷ କରି ବିଶ୍ୱ ରେକର୍ଡ କରିବା ସହ ପୋଡ଼ିୟମ୍‌ର ପ୍ରଥମ ସ୍ଥାନ ଅଧିକାର କରିଥିଲେ।ସାଉଦି ଆରବର ନୁର ଆଲ୍‌ସାନା (୫୩.୧୩ ସେକେଣ୍ଡ) ରତ୍ନ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ସନ୍ଦୀପଙ୍କ ପଛରେ ପଡ଼ି ରୌପ୍ୟ ପାଇଥିଲେ। ଭାରତର ଆଉ ଜଣେ ଧାବିକା ଅଜୟ କୁମାର (୫୩.୬୧ ସେକେଣ୍ଡ) କାଂସ୍ୟ ଜିତିଥିଲେ। ଜାଭ୍‌ଲିନ୍‌ରେ ହାନି ବିଶ୍ୱ ରେକର୍ଡ ଥ୍ରୋ ୬୦.୪୯ ସହ ୧୧୧୬ ରାଜା ପଏଣ୍ଟ ପାଇ ସ୍ୱର୍ଣ୍ଣ କରାୟତ୍ତ କରିଥିଲେ।

ଇରାନର ହର୍ମଜ ସେଦିକାଜପୌଞ୍ଜି (୫୦.୬୮ ମିଟର, ୧୦୦୯ ପଏଣ୍ଟ) ରୌପ୍ୟ ଓ ଚୀନ୍‌ର ୟୁ ଚେଙ୍ଗଜି (୫୩.୬୬ ମିଟର, ୯୪୩ ପଏଣ୍ଟ) କାଂସ୍ୟ ପାଇଥିଲେ। ମହିଳା ଲଙ୍ଗଜମ୍ପ ଟି୪୭ ଓ ପୁରୁଷ ୧୫୦୦ ମିଟର ଟି୪୬ରେ ଯଥାକ୍ରମେ ନିମିଶା ଚାକୁଙ୍ଗାଲପାରାମ୍ବିଲ (୫.୩୭ ମିଟର) ଓ ପ୍ରମୋଦ ବିଜାର୍ନିଆ (୪ ମିନିଟ୍ ୦୯.୬୫ ସେକେଣ୍ଡ) ରୌପ୍ୟ ଜିତିଥିଲେ।

# ସୌରଭ ଗାଙ୍ଗୁଲିଙ୍କୁ ଝଟ୍‌କା

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଏକ ବଡ଼ ଝଟ୍‌କା ଲାଗିଛି। ଆଜି ମୁକ୍ତିଲାଭ କରିବାକୁ ଥିବା ହିନ୍ଦୀ ଚଳଚ୍ଚିତ୍ର 'ଦୂସରା'ର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଦାବି କରି ଗାଙ୍ଗୁଲି ଦାଖଲ କରିଥିବା ପିଟିସନ୍‌କୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ଫିଲ୍ମର ନିର୍ମାତାମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି ଏବଂ ନିର୍ଦ୍ଧାରିତ ସମୟରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବା ପାଇଁ ବାଟ ଫିଟିଛି।ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦିନେଶ ଭଟ୍ଟ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଆମେ ଫିଲ୍ମର ରିଲିଜ୍ ଉପରେ କୌଣସି ରୋକ୍ ଲଗାଉନାହୁଁ, ତେଣୁ ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିପାରିବ'। ତେବେ ଗାଙ୍ଗୁଲିଙ୍କ ପକ୍ଷରୁ ଉଠାଯାଇଥିବା ଆଇନଗତ ଆପତ୍ତି ଉପରେ କୋର୍ଟରେ ପରବର୍ତ୍ତୀ ଶୁଣାଣି ଜାରି ରହିବ। ସୌରଭ ଗାଙ୍ଗୁଲି ଏବଂ ତାଙ୍କ ଜୀବନୀ ନିର୍ମାଣ କରୁଥିବା ପ୍ରୋଡକ୍ସନ୍ ହାଉସ୍ 'ଲଭ୍ ଫିଲ୍ମସ' ମିଳିତ ଭାବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗାଙ୍ଗୁଲି ଅଭିଯୋଗ କରିଛନ୍ତି ଯେ, 'ଦୂସରା' ଫିଲ୍ମର ନିର୍ମାତାମାନେ ତାଙ୍କର ବିନା ଅନୁମତିରେ ତାଙ୍କର ନାମ, ବ୍ୟକ୍ତିଗତ ଅଧିକାର ଏବଂ ତାଙ୍କ କ୍ରିକେଟ କ୍ୟାରିୟରର ପ୍ରସିଦ୍ଧ ମୁହୂର୍ତ୍ତଗୁଡ଼ିକୁ ବ୍ୟବହାର କରିଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର